# ବିଷମକଟକ ରାଜନୀତିରେ ଭାସ୍କରଙ୍କ ପ୍ରବେଶ

■ ଜିଲା ବିଜେଡିରେ ହଇଚଇ
■ ସୁଧୀର, ଜଗନ୍ନାଥ ଅନୁପସ୍ଥିତ

ରାୟଗଡ଼ା,୨୧।୨(ଆଶିଷ ରଞ୍ଜନ ପଣ୍ଡା)


ଏମ୍‌ପି ମୁନା ଖାଁଙ୍କ ସହ ବିଜେଡି ଜିଲା ସଭାପତି ଏନ୍‌.ଭାସ୍କର ରାଓ କ୍ଲବ ଗୃହ ଉଦ୍‌ଘାଟନ କରୁଛନ୍ତି ।

ନେତାଜୀ କ୍ଲବ୍ ଉଦ୍‌ଘାଟନ ପାଇଁ ରାଜ୍ୟ ସଭା ସଦସ୍ୟ ମୁନା ଖାଁଙ୍କ ସହ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ଜିଲା ସଭାପତି ଏନ୍‌.ଭାସ୍କର ରାଓଙ୍କ ବିଷମକଟକ ନିର୍ବାଚନମଣ୍ଡଳୀରେ ପ୍ରବେଶକୁ ନେଇ ଜିଲା ବିଜେଡିରେ ଭ୍ରୁକୁଞ୍ଚନ ସୃଷ୍ଟି ହୋଇଛି । ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ଓ ବିଜେଡି ହେଭିୱେଟ୍ ନେତା ସୁଧୀର ଦାସଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇଥିଲେ ହେଁ ଉକ୍ତ କାର୍ଯ୍ୟକ୍ରମରେ ସେମାନଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଛି । ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାସ୍କର ରାଓଙ୍କୁ ଦଳରେ ଅଣଦେଖା କରିବା ଓ ବିଶେଷ ଦାୟିତ୍ୱ ଦିଆ ନ ଯିବା ପରେ ସେ ପୂରା ନୀରବ ରହିଥିଲେ । ଏଭଳିକି ୨୦୨୪ ସାଧାରଣ ନିର୍ବାଚନରେ ରାୟଗଡ଼ା ନିର୍ବାଚନମଣ୍ଡଳୀର ଦାୟିତ୍ୱ ଭାସ୍କରଙ୍କୁ ଦଳ ଦେଇଥିଲେ ମଧ୍ୟ କର୍ମୀଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇ ନ ଥିଲା । ଫଳରେ ଦଳ ପରାଜିତ ହୋଇଛି ବୋଲି କର୍ମୀ ମହଲରେ ଆଲୋଚନା ଚାଲିଥିଲା ।

ବିଷମକଟକରେ ନେତାଜୀ କ୍ଲବ୍ କର୍ମକର୍ତ୍ତାଙ୍କ ମଧ୍ୟରେ ଉଭୟ ବିଜେଡି ଓ କଂଗ୍ରେସ ନେତା ରହିଛନ୍ତି । ପୂର୍ବତନ ବିଜେଡି ରାଜ୍ୟ ଯୁବ ସମ୍ପାଦକ ପୃଥୀରାଜ ସାହୁ କ୍ଲବ୍ ସଭାପତି ଥିବା ବେଳେ ବିଷମକଟକ ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ ଏହାର ସାଧାରଣ ସମ୍ପାଦକ ରହିଛନ୍ତି । ତେବେ ଏହି ୨ଜଣ ରହିଥିବା ପରେ ବି ଜଗନ୍ନାଥ ଓ ସୁଧୀର ନ ଆସିବା ଅଲଗା ସଂକେତ ପ୍ରଦାନ କରୁଛି । ସାଧାରଣ ନିର୍ବାଚନ ପୂର୍ବରୁ ଜଗନ୍ନାଥ ସାରକା ଓ ସୁଧୀର ଦାସଙ୍କ ବିନା ଅନୁମତିରେ ବିଷମକଟକରେ ପତ୍ର ହଲୁ ନ ଥିଲା । ସେହି ସମୟରେ ଭାସ୍କର ବିଷମକଟକ ଯିବା ସମୟରେ ଚିନ୍ତା କରୁଥିଲେ । କିନ୍ତୁ ରାଜନୀତି ପାଣିପାଗ ଏବେ ବଦଳିଛି । ଜିଲାରେ ବିଜେଡି ସମସ୍ତ ୩ ବିଧାନସଭା ଆସନ ହାରିଛି ସତ, କିନ୍ତୁ ଦଳକୁ ପୁଣି ସଜାଡିବାକୁ ଭାସ୍କର ଆଗକୁ ଆସିଛନ୍ତି ବୋଲି ଦଳ ଭିତରେ ଚର୍ଚ୍ଚା ଚାଲିଛି । ନେତାଜୀ କ୍ଲବ୍‌ର ସାଧାରଣ ସମ୍ପାଦକ ପଟ୍ଟନାୟକ କହିଛନ୍ତି, ଜଗନ୍ନାଥ ସାରକାଙ୍କୁ ନିମନ୍ତ୍ରଣ ହୋଇଥିଲା, କିନ୍ତୁ ସୁଧୀରଙ୍କୁ ନିମନ୍ତ୍ରଣ କରାଯାଇନାହିଁ । ସୁଧୀରଙ୍କୁ ଡକା ନ ଯିବା ଆହୁରି ରୋଚକ ମୋଡ଼ ନେବା ସମ୍ଭାବନା ସୃଷ୍ଟି କରିଛି । ଏଭଳିକି ଆଗାମୀ ଦଳୀୟ ନିର୍ବାଚନ ପାଇଁ ଏହିଠାରୁ ହିଁ ମୂଳଦୁଆ ପଡିଲା ବୋଲି କର୍ମୀ ମହଲରେ ଆଲୋଚନା ହେଉଛି । ଅନ୍ୟପଟେ ବିଜେଡି ଦଳୀୟ ନିର୍ବାଚନ ସକାଶେ ରାୟଗଡ଼ା ପାଇଁ ବ୍ରଜସୁନ୍ଦର ନାୟକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି । ତେବେ ଦଳ ଭିତରେ ନିର୍ବାଚନ ଅଧିକାରୀ ନାୟକଙ୍କୁ ବିରୋଧ ମଧ୍ୟ କରାଯାଉଛି । ଏଭଳିକି ଏହାକୁ ନେଇ ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବଙ୍କୁ ଫେରାଦ ହେବା ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି । ଏହା ବ୍ୟତୀତ ଦଳର ରାଜ୍ୟ ନେତୃବୃନ୍ଦଙ୍କ ବିନା ଅନୁମତିରେ ମୁନା ଓ ଭାସ୍କର ବିଷମକଟକ କଦାପି ଯାଇ ନ ଥିବେ ବୋଲି ଦଳୀୟ କର୍ମୀ ଓ ନେତା ଆଲୋଚନା କରୁଛନ୍ତି । ବିଷମକଟକ ଯିବା ପୂର୍ବରୁ ଭାସ୍କରଙ୍କ ଘରକୁ ଆସିଥିଲେ ମୁନା । ସେଠାରେ ଉଭୟଙ୍କ ଭିତରେ ଦୀର୍ଘ ୧ ଘଣ୍ଟା ଆଲୋଚନା ହୋଇଥିଲା । ଏହାପରେ ଉଭୟ ବିଷମକଟକ ଅଭିମୁଖେ ବାହାରିଥିଲେ । ସେଠାରେ ଉଦ୍‌ଘାଟନ ପର୍ବ ସରିବା ପରେ ଭାସ୍କରଙ୍କ ଏକ ମନ୍ତବ୍ୟ ସମସ୍ତଙ୍କୁ ଚକିତ କରିଥିଲା । କେତେଜଣ ଯୁବକ କ୍ରିକେଟ ମ୍ୟାଚ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭାସ୍କରଙ୍କୁ ନିମନ୍ତ୍ରଣ କରିଥିଲେ । ଭାସ୍କର ସେମାନଙ୍କୁ ଜବାବ ଦେଇ କହିଥିଲେ, ମୁଁ ଖେଳରେ ସାମିଲ ହେବି ଓ ଏଠି ହିଁ ରହିବି, ଯାହାକି ଅନ୍ୟ ଦିଗକୁ ଇଙ୍ଗିତ କରୁଛି । ଏ ନେଇ ଭାସ୍କରଙ୍କୁ ପଚାରିବାରୁ କ୍ଲବ୍ ଉଦ୍‌ଘାଟନୀ କାର୍ଯ୍ୟ ପାଇଁ ମୋତେ ଆମନ୍ତ୍ରିତ କରିଥିଲେ, ତେଣୁ ମୁଁ ଯାଇଥିଲି । ଅନ୍ୟପଟେ ଏ ନେଇ ସୁଧୀରଙ୍କୁ ପଚାରିବାରୁ ସେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ଏବଂ ସେ ଫିତା କାଟିବା ପାଇଁ ଆତୁର ନୁହନ୍ତି ବୋଲି କହିଥିଲେ । ସେ କୌଣସି ସରକାରୀ ପଦପଦବୀରେ ନ ଥିବାରୁ ତାଙ୍କୁ ନିମନ୍ତ୍ରଣ ହୋଇନାହିଁ ଏବଂ ସରକାରୀ ଅର୍ଥରେ କ୍ଲବ୍‌ର କାର୍ଯ୍ୟ ହୋଇଥିବାରୁ ରାଜନେତାଙ୍କ ସେଠାରେ କିଛି କାମ ନାହିଁ ବୋଲି ସେ କହିଛନ୍ତି । ସେ ଲୋକଙ୍କ ବିକାଶ ଓ ସମସ୍ୟାର ସମାଧାନ ପାଇଁ ରାଜନୀତି କରନ୍ତି । ତାଙ୍କ ରାଜନୀତି କାଳରେ ସେ କୌଣସି ଲାଞ୍ଚ କିମ୍ବା କାହାଠୁ ପିସି ନେଇନାହାନ୍ତି ବୋଲି କହିଛନ୍ତି । ଅନ୍ୟପଟେ ଜଗନ୍ନାଥ ସାରକା ତାଙ୍କ ପୁଅର ପରୀକ୍ଷା କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବା କହିଛନ୍ତି ସୁଧୀର ।

ସୂଚନାଯୋଗ୍ୟ, ବିଜେଡି ଭିତରେ ଆଭ୍ୟନ୍ତରୀଣ କନ୍ଦଳ ପ୍ରବଳ ରହିଆସିଛି । ମୁଖ୍ୟତଃ ଭାସ୍କର ଓ ସୁଧୀର ଗୋଷ୍ଠୀ ମଧ୍ୟରେ ଟଣାଓଟରା ଜାରି ରହିଛି । ଏହି କନ୍ଦଳ ପାଇଁ ଦଳକୁ ସାଧାରଣ ନିର୍ବାଚନରେ ପରାଜିତ ହେବାକୁ ପଡ଼ିଲା । ତଥାପି ସ୍ଥିତିରେ କୌଣସି ପରିବର୍ତ୍ତନ ଘଟିନାହିଁ । ତେବେ ଦେଖିବାକୁ ରହିଲା ଏହା ଆଗକୁ କେଉଁ ମୋଡ଼ ନେଉଛି ।

## ମାଟ୍ରିକ ଛାତ୍ରୀଛାତ୍ରଙ୍କ ପାଇଁ ହେଲା ବସ୍ ସୁବିଧା



ବସ୍ ଯୋଗେ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯାଉଛନ୍ତି ।

ଅମ୍ବାଦୋଳା, ୨୧।୨ (ରବୀନ୍ଦ୍ର ପଣ୍ଡା)

**ପ୍ରତିଶ୍ରୁତି ରଖିଲା ଜିଲା ପ୍ରଶାସନ**

ଜିଲା ପ୍ରଶାସନ ନିଜ ପ୍ରତିଶ୍ରୁତି ରକ୍ଷା କରିବା ସହ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ୩ ବସ୍ ସୁବିଧା ଯୋଗାଇ ଦେଇଛି । ଉକ୍ତ ବସ୍ ଯୋଗେ ଶୁକ୍ରବାର ପରୀକ୍ଷାର୍ଥୀ ୨୫ କି.ମି ଦୂର ମୁନିଗୁଡା ମାଟ୍ରିକ ବୋର୍ଡ଼ କେନ୍ଦ୍ରରେ ପହଞ୍ଚିଥିଲେ ।

ସୂଚନାଯୋଗ୍ୟ, ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାର୍ଥୀ ଦୀର୍ଘବର୍ଷ ଧରି ବୋର୍ଡ଼ ପରୀକ୍ଷା ଦେବା ପାଇଁ ୨୫ କି.ମି ଦୂରକୁ ବୋର୍ଡ଼ ପରୀକ୍ଷା ଦେବା ପାଇଁ ମୁନିଗୁଡା ଯାଉଥିଲେ । ଫଳରେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବାରମ୍ବାର ଉକ୍ତ ବିଷୟକୁ ନେଇ ଜିଲା ପ୍ରଶାସନ ପାଖରେ ଲିଖିତ ଅଭିଯୋଗ କରାଯାଇଥିଲା । ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ ବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ । ଦୀର୍ଘ ୬୦ ଘଣ୍ଟା ଆମରଣ ଅନଶନରେ ବସିବା ପରେ ଚଳିତ ବର୍ଷ ଦଶମ ଶ୍ରେଣୀର ସମସ୍ତ ପରୀକ୍ଷାର୍ଥୀଙ୍କୁ ବସ ଯୋଗେ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ସହ ଆସନ୍ତା ବର୍ଷ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରୁ ୫ କି.ମି ବ୍ୟବଧାନ ଭିତରେ ବୋର୍ଡ଼ ପରୀକ୍ଷା କେନ୍ଦ୍ର କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲା ଜିଲା ପ୍ରଶାସନ । ଜିଲା ପ୍ରଶାସନ ତାର ପ୍ରତିଶ୍ରୁତି ରକ୍ଷା କରିଥିବାରୁ ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ, ଅଞ୍ଚଳବାସୀ ଓ ଅଭିଭାବକମାନେ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶ ଥାଉକି, ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୫୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି ।

## ନେତାଜୀ କ୍ଲବର ନୂତନ କୋଠା ଉଦ୍‌ଘାଟିତ

ବିଷମ କଟକ, ୨୧।୨(ପ୍ରସନ୍ନ କୁମାର ପଣ୍ଡା)

୧୯୮୭ରେ ପଞ୍ଜୀକୃତ ବିଷମ କଟକସ୍ଥିତ ନେତାଜୀ କ୍ଲବର ନୂତନ କୋଠାକୁ ଶୁକ୍ରବାର ରାଜ୍ୟ ସଭା ଏମ୍‌ପି ମୁନ୍ନା ଖାଁ ଓ ପୂର୍ବତନ ଏମ୍‌ପି ଭାସ୍କର ରାଓ ଉଦ୍‌ଘାଟନ କରିଛନ୍ତି । କ୍ଲବ୍‌ର ସଭାପତି ପୃଥ୍ୱୀରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ଦେବୀ ପଟ୍ଟନାୟକ ବିବରଣୀ ପାଠ କରିଥିଲେ । କ୍ଲବ ର ସକ୍ରିୟ ସଦସ୍ୟ ଶଶି ପଟ୍ଟନାୟକ, ମୁରଲୀ ରାଉତ, ସମର ସାହୁ, କାହ୍ନୁଚରଣ ସେଠୀ, ରଶ୍ମି କାଣ୍ଡାଗରି, ଚନ୍ଦ୍ରକାନ୍ତ ପାଲକା, ରମା ନାୟକ, ରିଙ୍କୁ ଦଣ୍ଡସେନା ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ନେତା ଜ୍ୟୋତି ସାହୁ , ନାନୁ ପଣ୍ଡା , ଟିନା ପଟ୍ଟନାୟକ ସନ୍ତୋଷ , ଗୋପାଳ ପଟ୍ଟନାୟକ ହରି ପାତ୍ର ପ୍ରମୋଦ ଭାତ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କ୍ଲବର ନବ କଳେବର ହୋଇଥିବାରୁ ଏହା ଯୁବ କ୍ରୀଡାବିତ ଓ ନୂତନ ସାମାଜିକ କର୍ମୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାରିତ ହେବ ବୋଲି ସଭାପତି ସାହୁ କହିଛନ୍ତି । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ଏମ୍‌ପି ମୁନା ଖାନ ଓ ପୂର୍ବତନ ଏମ୍‌ପି ଭାସ୍କର ରାଓ ଉଦ୍‌ଘାଟନ କରିଥିଲେ । ଡିଆଇଇଟିର ଛାତ୍ରୀଛାତ୍ର ଓ ବହୁ ଯୁବକ ଯୁବତୀ ସାମିଲ ହୋଇ ରକ୍ତଦାନ କରିଥିଲେ । ଏଥିରେ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ବିଜେଡି ନେତା ଭାସ୍କର ରାଓ ବିଷମକଟକଠାରେ ଥିବା ବହୁ ପୁରାତନ ବିଜେଡି କୋଠାକୁ ପୁନରୁଦ୍ଧାର କରିବୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ବାର୍ଷିକ ମ୍ୟାନେଜମେଣ୍ଟ ଫେଷ୍ଟ ସ୍ପନ୍ଦନ-୧.୦



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

**ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ**

ଗୁଣପୁର,୨୧।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଦୁଇଦିନିଆ ବାର୍ଷିକ ମ୍ୟାନେଜମେଣ୍ଟ ଫେଷ୍ଟ ସ୍ପନ୍ଦନ-୧.୦ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମେଗା ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଡେଲୋଏଟ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଦିତ୍ୟ ବଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଓ ନୂତନ ବ୍ୟବସାୟିକ ପରିକଳ୍ପନା ବିଷୟରେ ଆଲୋକପାତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ବେଙ୍ଗାଲୁରୁସ୍ଥିତ ଫାର୍ଷ୍ଟ ସୋର୍ସ କମ୍ପାନୀର ସହ ନିର୍ଦ୍ଦେଶକ ପୀୟୂଷ ରଞ୍ଜନ ପୃଷ୍ଟି ଓ ସାର୍ଟିଫାଏଡ୍ କର୍ପୋରେଟ ପ୍ରଶିକ୍ଷକ ଅବିନାଶ ସୂତାର ଯୋଗଦେଇ ଦକ୍ଷତା ବିକାଶ ବିଷୟରେ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା ଯୋଗଦେଇ ଛାତ୍ରୀଛାତ୍ର ଭବିଷ୍ୟତରେ କିପରି ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ କହିଥିଲେ । ବିଭାଗର ମୁଖ୍ୟ ଡ. ସୌମେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ବିଭାଗୀୟ ମୁଖ୍ୟ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିପାଇଁ ସକାଳେ କ୍ୟାମ୍ପସ ପରିସରରେ ଏକ ମାରାଥନ କରାଯାଇଥିବାବେଳେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେଠାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଡାଙ୍ଗସୋରଡ଼ାରେ ଡାକ ମେଳା

ଚନ୍ଦ୍ରପୁର, ୨୧।୨ (ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ସଦର ମହକୁମାରେ ଥିବା କୃଷି ସୂଚନା ଏବଂ ପରାମର୍ଶ କେନ୍ଦ୍ରର ସଭା ଗୃହରେ ଶୁକ୍ରବାର ଡାକ ବିଭାଗ ପକ୍ଷରୁ ଏକ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି । ବିଷମ କଟକ ଉପଖଣ୍ଡସ୍ତରୀୟ ଡାକ ବିଭାଗ ପକ୍ଷରୁ ଆୟୋଜିତ ଡାକ ମେଳା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ମୀନ କେତନ ପ୍ରଧାନ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଡାଙ୍ଗସୋରଡା ସରପଞ୍ଚ ଅନିତା ଶବର, ପୂର୍ବତନ ଡାକ ବିଭାଗର ବିପିଏମ ବିଜୟ ଉଲାକା, ଡାକ ବିଭାଗର ନିରୀକ୍ଷକ ନରେନ୍ଦ୍ର କୁମାର ଗଛି, ଡାକ ପରିଦର୍ଶକ ବାଲ ଗୋପାଳ ଦାସ, ଆଇ ପିପିବିର ଶାଖା ପରିଚାଳକ ତନ୍ମୟ ଲିମାଙ୍କ ସମେତ ବୁଡିବାଲି, ହନୁମନ୍ତପୁର, ଡାଙ୍ଗସୋରଡ଼ା, ଯାରପା, କୁତ୍ରାଗଡ, ଲକ୍ଷ୍ମୀପୁର, ଗ୍ରାମର ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଏବଂ ଅନ୍ୟ ଡାକ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଏଥିରେ ସଞ୍ଚୟ ଜମା ଖାତା, ଜୀବନ ବୀମା ଯୋଜନା ସହ ଗରିବ ଅସହାୟ ଲୋକଙ୍କ ସୁବିଧା ନିମନ୍ତେ ରହିଥିବା ସରକାରଙ୍କ ବିଭିନ୍ନ ଯୋଜୋନା ପାଇଁ ସଞ୍ଚୟ ଜମା ଖାତା ଖୋଲିବା ନେଇ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ କର୍ମଚାରୀ ଏବଂ ଅନ୍ୟମାନେ ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ପଦ୍ମପୁର, ୨୧।୨ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକସ୍ଥିତ ଉପର ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଓଡ଼ିଆ ଭାଷାବିତ୍ ଦିଲ୍ଲୀପ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା, ଯୁବ କବି ରୁପେଶ ସାହୁ ତଥା ବରିଷ୍ଠ ଶିକ୍ଷକ ଭୁବନାନନ୍ଦ ଖାଡ଼ଙ୍ଗା, ହୃଷିକେଶ ପରିଡ଼ାଲା ଓ ଆର୍. ଆରତି ପ୍ରମୁଖ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ପରେ ନିମନ୍ତ୍ରିତ ଅତିଥି ଓ ଶିକ୍ଷକମାନେ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ଓ ଓଡ଼ିଆ ଭାଷାର ଗୁରୁତ୍ୱ ତଥା ପ୍ରତି ଓଡ଼ିଆଙ୍କ ଭିତରେ ନିଜ ମାତୃଭାଷା ପ୍ରତି କର୍ତ୍ତବ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ବିଦ୍ୟାଳୟରେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା ଜ୍ଞାନ ଉପରେ କରାଯାଇଥିବା ପରୀକ୍ଷା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଶ୍ୱାଇଁଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ଶ୍ୱଶୁର କୋର୍ଟ ଚାଲାଣ

ଟିକିରି,୨୧।୨(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ମୁଣ୍ଡାଗାଁଠାରେ ଜ୍ୱାଇଁଙ୍କୁ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ଶ୍ୱଶୁର ବୁଦ୍ଧୁ ଝୋଡିଆଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଟିକିରି ଥାନାରେ ଏ ନେଇ କେସ୍ ନଂ୩୦/୨୫ରେ ମାମଲା ରୁଜୁ ହୋଇଛି । ତେବେ ବାଉଁଶ ଫାଳିଆ ନୁହେଁ ବେକରେ ଏକ ଛୁରି ଭୁସିବା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୁକ୍ତ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି । ପୋଲିସ ରକ୍ତଭିଜା ଛୁରି ଜବତ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି । ମୃତକ ହେଲେ ଉକ୍ତ ଗ୍ରାମର ବିଦ୍ୟା ଝୋଡିଆ (୨୦) । ଗାଁରେ ଗତ ସୋମବାର ମାଘ ମହାଯାତ୍ରା ଉପଲକ୍ଷେ ଏକ ନାଟକରେ ଚାଲିଥିବାବେଳେ ଏହି ସମୟରେ ଶ୍ୱଶୁର ବୁଦ୍ଧୁ ମଦ୍ୟପାନ କରି ଜ୍ୱାଇଁ ବିଦ୍ୟାଙ୍କ ବେକରେ ଛୁରି ଭୁସି ଦେଇଥିଲେ ।

## ହଜି ଯାଇଥିବା ମନିପର୍ସ ଫେରାଇଲେ ଏସ୍‌ଡିପିଓ

ଟିକିରି,୨୧।୨(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡାରେ ନୂଆକରି ଯୋଗଦେଇଥିବା ଏସ୍‌ଡିପିଓ ଗୌରହରି ସାହୁ ଶୁକ୍ରବାର ଏକ ହତ୍ୟା ମାମଲାର ତଦନ୍ତ ପାଇଁ କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ମୁଣ୍ଡାଗାଁ ଅଞ୍ଚଳକୁ ଯାଇଥିଲେ । ଏହି ସମୟରେ ରାସ୍ତାରେ ପଡ଼ିଥିବା ଏକ ମନିପର୍ସକୁ ଉଠାଇ ଟିକିରି ଥାନାକୁ ଆସିଥିଲେ । ମନିପର୍ସ ଯାଞ୍ଚ କରିବା ସମୟରେ ସେଥିରେ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହ ୩ଟି ଏଟିଏମ କାର୍ଡ, ପାନକାର୍ଡ, ଆଧାର କାର୍ଡ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ କାଗଜପତ୍ର ଥିଲା । ଆଧାର କାର୍ଡରେ ଠିକଣା ଥିବା ସହ ଫୋନ ନମ୍ବରକୁ ଯୋଗାଯୋଗ କରି ଟିକିରି ମୁଖ୍ୟ ବଜାରରେ ଚପଲ ଦୋକାନ କରିଥିବା ବିନୋଦ ସାହୁଙ୍କୁ ଥାନାକୁ ଡାକି ତାଙ୍କ ମନିପର୍ସ ଫେରାଇଥିଲେ । ତାଙ୍କ ଘର ଜାମୁଗୁଡା ଗ୍ରାମରେ, ସେ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପୁରରେ ଏକ ଭୋଜିରେ ଯୋଗଦେଇ ଫେରୁଥିବାବେଳେ ବାଟରେ ତାଙ୍କ ମନିପର୍ସ ପଡିଯାଇଥିଲା ।

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ

ରାମନାଗୁଡା,୨୧।୨ (ସଞ୍ଜୟ ପ୍ରଧାନ )

ରାୟଗଡା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଶୁକ୍ରବାର ରାମନାଗୁଡା ବ୍ଲକ ଗସ୍ତ କରିଛନ୍ତି । ପ୍ରଥମେ ସେ ରାମନାଗୁଡା ବ୍ଲକ ଅଧିନ ଗୁଲୁଣ୍ଡି ପଞ୍ଚାୟତକୁ ଗସ୍ତ କରି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ହେଉଥିବା କେନାଲ କାର୍ଯ୍ୟ ତଦାରଖ କରିବା ସହ ଉକ୍ତ ପଞ୍ଚାୟତର ପାନୀୟ ଜଳ ବ୍ୟବସ୍ଥା, ଆଶ୍ରୟ ସ୍ଥଳୀ,ଫାଷ୍ଟଏଡ଼ କିଟ ଦେଖିଥିଲେ । ପରେ ସେ ଗୋଗୁପାଡୁ ପଞ୍ଚାୟତକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ହୋଇଥିବା ଡ୍ରାଗନ ଫ୍ରୁଟ୍ ଚାଷ ଦେଖିଥିଲେ । ସେହିପରି କୁଜେନ୍ଦ୍ରୀ ପଞ୍ଚାୟତରେ ନୂତନ ଭାବେ ନିର୍ମାଣ ହୋଇଥିବା ପାଠାଗାରକୁ ବୁଲି ଦେଖିଥିଲେ । ଏହାସହିତ ପେଣ କାମ ପଞ୍ଚାୟତର ତାମିଙ୍ଗି ଗ୍ରାମ ନିକଟରେ ଥିବା ଗଦଗଦା ଜଳପ୍ରପାତ ନିକଟକୁ ଯାଇ ଏହାର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ । ସେହିପରି ପାରୀକ୍ଷିତି ପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମହିଳାଙ୍କ ଦ୍ୱାରା ଚାଲୁଥିବା ଇ-ପାଠାଗାର ଦେଖି ଖୁସିବ୍ୟକ୍ତ କରିଥିଲେ । ଏଥିସହ ବର୍ତ୍ତମାନ ଯୁବପିଢ଼ିଙ୍କୁ ଉତ୍ସାହିତ କରି ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବା ପାଇଁ ଇ -ପାଠାଗାର ଗୋଟିଏ ମାଧ୍ୟମ । ତେଣୁ ସେଥିପ୍ରତି ଦୃଷ୍ଟି ଦେଇ ଆଗକୁ ବଢ଼ିବା ନିମନ୍ତେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ପାରୀକ୍ଷିତି ପଞ୍ଚାୟତର ଖାମ୍ବାଗୁଡ଼ାକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ହେଉଥିବା ଗୋଲାପ ଚାଷ ବୁଲି ଦେଖିଥିଲେ । ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଖେମୁଣ୍ଡୁଙ୍କ ଏହି ଗସ୍ତ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏ ସାନମୁଖା ପାତ୍ର, କନିଷ୍ଠ ଯନ୍ତ୍ରୀ ଏସ୍ ସୋମେଶ୍ୱର ରାଓ, ଗୁଲୁଣ୍ଡି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନ ସାହୁ, ପାରୀକ୍ଷିତି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରହରି ଦାଶଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚ, ସମିତି, ସଭ୍ୟ ଏବଂ ପିଇଓ ପ୍ରମୁଖ ଉପସ୍ଥିତ ଥିଲେ ।


ଅଧିକାରୀମାନେ ଏସ୍‌ଏଚଜି ମହିଳାଙ୍କ ଦ୍ୱାରା ହୋଇଥିବା ଗୋଲାପ ଚାଷ ବୁଲି ଦେଖୁଛନ୍ତି ।

# ୫୯କେନ୍ଦ୍ରରେ ୧୦,୩୧୮ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

■ ମାଟ୍ରିକ୍ ପରୀକ୍ଷା ଆରମ୍ଭ
■ ପ୍ରଥମ ଦିନରେ ୨୦୪ ଛାତ୍ରୀଛାତ୍ର ଅନୁପସ୍ଥିତ

ରାୟଗଡ଼ା,୨୧।୨(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ଶିକ୍ଷା ବର୍ଷରେ ଦଶମ ବୋର୍ଡ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏଥିରେ ରାୟଗଡ଼ା ଜିଲାରେ ୫୯ଟି ପରୀକ୍ଷା କେନ୍ଦ୍ର ରହିଛି । ପ୍ରଥମ ଦିନରେ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ୧୦,୩୪୦ଜଣ ପରୀକ୍ଷାର୍ଥି ଏବଂ ଓଡ଼ିଶା ମୁକ୍ତ ବିଦ୍ୟାଳୟ ଅଧୀନରେ ୨୩୦ଜଣ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପାଇଁ ଅନୁମତି ମିଳିଛି । ଯେଉଁଥିରୁ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ୧୦,୧୩୬ଜଣ ପରୀକ୍ଷା ଦେଉଥିବା ବେଳେ ୨୦୪ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି । ସେହିଭଳି ମୁକ୍ତ ବିଦ୍ୟାଳୟ ଅଧୀନରେ ୨୩୦ ଜଣଙ୍କ ମଧ୍ୟରୁ ୧୮୨ ଜଣ ପରୀକ୍ଷା ଦେଉଥିବା ବେଳେ ୪୮ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି । ପରୀକ୍ଷା ମାର୍ଚ୍ଚ ୬ ତାରିଖ ଯାଏଁ ହେବ । ସକାଳ ୯ଟାରୁ ୧୧ଟା ୩୦ ଯାଏଁ ପରୀକ୍ଷା ଚାଲୁଛି । ସମସ୍ତ ପରୀକ୍ଷା କେନ୍ଦ୍ରରେ କପି ରୋକିବା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ଗଣଶିକ୍ଷା ବିଭାଗର ୧୫୯ଟି ସ୍କୁଲ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୪୪ଟି ସ୍କୁଲ ଓ ୪ଟି ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷା ଦେଉଛନ୍ତି ।

## କାଶୀପୁର ବ୍ଲକ୍: ୧୨୯୩ ଛାତ୍ରୀଛାତ୍ର ଦେଲେ ପରୀକ୍ଷା, ୩୩ ଅନୁପସ୍ଥିତ

ଟିକିରି,(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍‌ରେ ମୋଟ ୬ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିନରେ ବ୍ଲକ୍‌ର ୧୩୨୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୯୩ଜଣ ପରୀକ୍ଷାର୍ଥୀ ମାତୃଭାଷା ବିଷୟରେ ପରୀକ୍ଷା ଦେଇଥିବାବେଳେ ୩୩ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି । କାଶୀପୁର ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବ୍ଲକ୍‌ର ନୋଡାଲ ସେଣ୍ଟର ଷ୍ଟ୍ରଙ୍ଗରୁମ୍‌ରେ ପ୍ରଶ୍ନପତ୍ରକୁ ରଖାଯାଇଛି । ସେଠାରେ ୨୪ ଘଣ୍ଟିଆ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନିଆଯାଇ ପରୀକ୍ଷା କେନ୍ଦ୍ରଗୁଡିକରେ ପହଞ୍ଚାଯାଉଛି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଟିମ୍ ଗଠନ କରାଯାଇଛି । ସେହପରି ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସମ୍ପନ୍ନ ପାଇଁ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି ।

## ଗୁଡ଼ାରି ବ୍ଲକ୍: ୯ ପରୀକ୍ଷାର୍ଥୀ ଅନୁପସ୍ଥିତ

ଗୁଡାରି, (ପ୍ରମୋଦ କୁମାର ପତି)


ଗୁଡ଼ାରି ସରକାରୀ ହାଇସ୍କୁଲ କେନ୍ଦ୍ରକୁ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯାଉଛନ୍ତି ।

ଗୁଡ଼ାରି ବ୍ଲକ୍‌ରେ ମୋଟ ୩ଟି କେନ୍ଦ୍ରରେ ୪୬୬ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବା ନିମନ୍ତେ ନାମ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ଦିନର ମାତୃଭାଷା ବିଷୟରେ ୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି । ଗୁଡାରି ସରକାରୀ ହାଇସ୍କୁଲ କେନ୍ଦ୍ରରେ ଜଣେ, ଲୋକନାଥପୁର ହାଇସ୍କୁଲ କେନ୍ଦ୍ରରେ ୨ ଜଣ ଏବଂ ସ୍ଥାନୀୟ ଏସ୍‌ଏସ୍‌ଡି ଗାର୍ଲସ ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ଉକ୍ତ ୬ ଜଣଙ୍କ ମଧ୍ୟରୁ ଅସଡ଼ା ବିଦ୍ୟାଳୟର ମୋଟ ୧୨ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ୫ ଜଣ ଅନୁପସ୍ଥିତ ଥିବା ବେଳେ ଲୋକନାଥପୁର ହାଇସ୍କୁଲ ୪୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ସେହିପରି ଗୁଡାରି ସରକାରୀ ହାଇସ୍କୁଲର ୨ ଜଣ ପରୀକ୍ଷାର୍ଥୀ ଏବଂ ଭୁରୁକୁଡୁ ହାଇସ୍କୁଲର ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ନ ଥିଲେ । ପ୍ରଥମ ଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାବେଳେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ସମସ୍ତ କେନ୍ଦ୍ରରେ ପୋଲିସ ଓ ହୋମଗାର୍ଡ ନିୟୋଜିତ ହୋଇଥିଲେ ।

## ଚନ୍ଦ୍ରପୁର ବ୍ଲକ୍: ୩୯୬ ପରୀକ୍ଷାର୍ଥୀ ଦେଲେ ପରୀକ୍ଷା

ଚନ୍ଦ୍ରପୁର, (ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁର ବ୍ଲକ୍ ୩୯୬ ଜଣ ଛାତ୍ରୀଛାତ୍ର ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିବା ଜଣାପଡ଼ିଛି । ଚନ୍ଦ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ନାମ ପଞ୍ଜୀକରଣ କରିଥିବା ସମସ୍ତ ୧୩୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଏଠାରେ ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର ଅବଜର୍ଭର ଦାୟିତ୍ୱ ତୁଲାଇଥିଲେ । ସେହିପରି ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସମସ୍ତ ୧୫୨ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗି ଅବଜର୍ଭର ଦାୟିତ୍ୱ ତୁଲାଇଥିଲେ । ସେହିପରି ଡାଙ୍ଗସୋରଡା ଏସଏସଡି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୧୪ଜଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ୧୧୩ଜଣ ପରୀକ୍ଷା ଦେଇଥିବାବେଳେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଅବଜର୍ଭର ଦାୟିତ୍ୱ ତୁଲାଇଥିଲେ । ଚନ୍ଦ୍ରପୁର ତହସିଲଦାର ଭାସ୍କର ଚନ୍ଦ୍ର ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ ।

# ଯୁବ ବ୍ୟବସାୟୀଙ୍କୁ ସୁଦୃଢ଼ ପାଇଁ ନାନୋ ୟୁନିକର୍ନ ଯୋଜନା

ମାଲକାନଗିରି, ୨୧।୨(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ତରଫରୁ ଜିଲା ପାଠାଗାରଠାରେ ନାନୋ ୟୁନିକର୍ନ ଯୋଜନାରେ ହିତାଧିକାରୀଙ୍କ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିଳ୍ପ ଅଧିକାରୀ, ଆଇ ଟି ଆଇ ପ୍ରିନ୍ସିପାଲ, ପଲିଟେକନିକ ପ୍ରିନ୍ସିପାଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ପ୍ରଶିକ୍ଷକ ଏବଂ ଟାଟା ଷ୍ଟ୍ରାଇଭ ତରଫରୁ ମାନସ କୁମାର ଓ ସୌମ୍ୟ କୁମାର ଉପସ୍ଥିତ ଥିଲେ। ଏହି ୧୧ ଜଣ ଉଦ୍ୟୋଗୀ ଏବେ ନିଜ ବ୍ୟବସାୟରେ ଆଗକୁ ଯିବାପାଇଁ ବାହାରିଛନ୍ତି ଓ ଏମାନେ ମଧ୍ୟ ଆଗକୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ ଆଗାମୀ ସମୟରେ ଅନ୍ୟ ଯୁବକମାନଙ୍କୁ ପ୍ରେରଣା ଦେବ ଓ ନୂତନ ଉଦ୍ୟୋଗୀ ସୃଷ୍ଟି କରିବ ବୋଲି ଜିଲା ନିୟୋଜନ ଅଧିକାରୀ ସୂଚନା ଦେଇଛନ୍ତି। ୩୦ ଜଣ ଆଶାୟୀ ଏହି କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଚୟନ କରାଯାଇଥିଲା। ଖୁବ୍‌ଶୀଘ୍ର ସେମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିନିମନ୍ତେ ଟାଟା ଷ୍ଟ୍ରାଇଭ ଦ୍ୱାରା ୧୦ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଦାରା ବ୍ୟବସାୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା ଓ ବ୍ୟବସାୟୀ କିଭଳି ଭାବେ ଏକ ଭଲ ଯୋଜନା ପ୍ରସ୍ତୁତ କରି ବ୍ୟବସାୟ କରିପାରିବେ ସେଥି ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା।


ଅଧିକାରୀଙ୍କ ସହ ଚୟନ ହୋଇଥିବା ଉଦ୍ୟୋଗୀ।

ସୂଚନା ଯୋଗ୍ୟ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ତତ୍ତ୍ୱାବଧାନରେ ୧୧।୩।୨୦୨୪ରେ ନାନୋ ୟୁନିକୋର୍ଣ୍ଣ ଯୋଜନାର ଆରମ୍ଭ ହୋଇଥିଲା। ନୂତନ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦେବା ଓ ଯୁବ ବର୍ଗକୁ ଦକ୍ଷ କରିବା ସହ ମୁଖ୍ୟତଃ ଗ୍ରାମୀଣ ଅଞ୍ଚଳ ଉପରେ ପ୍ରାଧାନ୍ୟ ଦେଇ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବାଏହାର ଲକ୍ଷ୍ୟ ଥିଲା। ଏହି ଯୋଜନା ମାଧ୍ୟମରେ ବଡ଼ ଧରଣର ପରିବର୍ତ୍ତନ ଆସିବା ପାଇଁ ଲକ୍ଷ୍ୟ ରଖାଯାଇଛି ଏବଂ ବେକାରୀ ସମସ୍ୟା ଓ ଚାକିରି ପାଇଁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ ହେବା ଭଳି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ଆଶା ରହିଛି।

## ୪୩ କେଜି ଗଞ୍ଜେଇ ଜବତ, ଛତିଶଗଡ଼ର ୪ ଯୁବକ ଗିରଫ

ମାଲକାନଗିରି,୨୧।୨ (ଦୁର୍ଯ୍ୟୋଧନ ପାତ୍ର)


ଜବତ ଗଞ୍ଜେଇ, ବାଇକ୍ ଏବଂ ଗିରଫ ଅଭିଯୁକ୍ତ।

ମାଲକାନଗିରି ଜିଲା ଅବକାରୀ ବିଭାଗ ୨ଟି ବସ୍ତାରେ ବାଇକ୍ ଯୋଗେ ଚାଲାଣ ହେଉଥିବା ୪୩ କେଜି ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଛତିଶଗଡ ବସ୍ତର ଜିଲାର ଦିପେଶ୍ କସ୍ୟପ୍, ନାଗେଶ ଯାଦବ୍, ତନିଶ ବଗେଲ, ପୁଷ୍ପରାଜ ବେଟି ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ମାଲକାନଗିରି ଅବକାରୀ ପୋଲିସ ଗୁରୁବାର ରାତିରେ ସଦର ବ୍ଲକ ଚଲାଣଗୁଡା ଗ୍ରାମ ନିକଟ ଛକରେ ପାଟ୍ରୋଲିଂ କରୁଥିବା ସମୟରେ ୨ଟି ବାଇକ୍ ଦ୍ରୁତ ଗତିରେ ଆସୁଥିବା ଦେଖି ଉକ୍ତ ୨ବାଇକ୍‌କୁ ଅଟକାଇଥିଲେ। ୨ ବାଇକରେ ୪ଜଣ ବସିଥିବା ବେଳେ ୨ଟି ବସ୍ତା ଥିବା ଦେଖି ଅବକାରୀ ଅଧିକାରୀ ଉକ୍ତ ବସ୍ତାକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପରେ ଗଞ୍ଜେଇ, ବାଇକ ଜବତ କରିବା ସହ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ଦ୍ୱାରା ସୁଚନା ଦିଆଯାଇଛି। ଜବତ ଗଞ୍ଜେଇକୁ ଓଜନ କରିବା ପରେ ୪୩ କେଜି ଏବଂ ଏହାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ବୋଲି ଜଣାପଡିଛି। ଏହି ଗଞ୍ଜେଇକୁ ଛତିଶଗଡ ଚୋରାଚାଲାଣ କରୁଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ।

## ସଂକ୍ଷେପରେ

### ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ କ୍ୟାଲେଣ୍ଡର ବଣ୍ଟନ

ଚିତ୍ରକୋଣ୍ଡା,୨୧।୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠି)

ଭୁବନେଶ୍ୱର ଖାରବେଳ ନଗରସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ୫-ଆନୁକୁଲ୍ୟରେ ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଛୁଟି ତାଲିକା ସହ କ୍ୟାଲେଣ୍ଡର ବଣ୍ଟନ କରାଯାଇଛି। ମାଲକାନଗିରି ଓ ଚିତ୍ରକୋଣ୍ଡା ଅନ୍ତର୍ଗତ ଆର୍.ଏସ୍.ସି. ଉନ୍ନିତ ଉଚ୍ଚ ବିଦ୍ୟାଳୟ ଓ କୋରୁକୋଣ୍ଡା ବ୍ଲକ କେନ୍ଦ୍ରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୨୦ଜଣ ପ୍ରଧାନ ଶିକ୍ଷକଙ୍କୁ ଏହି କ୍ୟାଲେଣ୍ଡର ବଣ୍ଟନ କରାଯାଇଛି। ଏହି ସମୟରେ ଚିତ୍ରକୋଣ୍ଡା ବ୍ଲକରେ ସଂଘର ଜିଲା ଯୁଗ୍ମ ସମ୍ପାଦକ କବି ଯତିନ୍ଦ୍ର ସ୍ୱାଇଁଙ୍କ ସହ ବରିଷ୍ଠ ଶିକ୍ଷକ ନେତା ପରେଶ କୁମାର ରାଉତ, ଉମ୍ୟରୁଧର ଗୋଲରି, ସବିତା ତ୍ରିପାଠି, ପ୍ରାଣକୃଷ୍ଣ ସେନ, ସସ୍ମିତା ପଣ୍ଡା, ଦେବବ୍ରତ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋରୁକୋଣ୍ଡା ବ୍ଲକ କେନ୍ଦ୍ରଗୁଡାରେ ସଂଘର ଜିଲା ସଭାପତି ନୀଳକଣ୍ଠ ବେହେରା, ସମ୍ପାଦକ ଲୋକନାଥ ବେହେରା ଉପସଭାପତି ପଦ୍ମ ରଥ, ଦେବାଶିଷ ମଣ୍ଡଳ, ଉତ୍ତମ ସମଦାର, ବିଶ୍ୱନାଥ ଶବର, ରବି ମହାରଣା, ଭୀମ ଖିଲ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇଇଡି ବିସ୍ଫୋରଣରେ ଯବାନ ଆହତ

ଚିକିତ୍ସା ପାଇଁ ରାୟପୁରକୁ ଏୟାରଲିଫ୍ଟ

ମାଲକାନଗିରି, ୨୧।୨(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲାରେ ଆଇଡ଼ି ବିସ୍ଫୋରଣରେ ଜଣେ ଡିଆରଜି ଯବାନ ଆହତ ହୋଇଛନ୍ତି। ସୁରକ୍ଷା ବାହିନୀକୁ ଟାର୍ଗେଟ କରି ମାଓବାଦୀ ଏହି ଆଇଇଡି ବିଛାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଜିଲାର ଛୋଟେଡୋଙ୍ଗର ପୋଲିସ ଷ୍ଟେସନରୁ ଜିଲା ପୋଲିସ ଏବଂ ଡିଆରଜିର ଏକ ମିଳିତ ଦଳ ମାଓବାଦୀ ଦମନ ଅଭିଯାନରେ ବାହାରିଥିଲେ। ଅପରେସନ୍ ସମୟରେ ତୋୟାମାତା ଏବଂ କୱାନାର ମଧ୍ୟ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜି ଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ଜଣେ ଡିଆରଜି ଯବାନ ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଥିବା ଜଣା ପଡ଼ିଛି। ଏହାପରେ ତଲାସି ଅଭିଯାନକୁ ଯବାନଙ୍କ ପକ୍ଷରୁ ବଢାଇ ଦିଆଯାଇଥିବା ସୂଚନା ମିଳିଛି।

## କେନ୍ଦୁଗଛ ବୁଶ୍ କଟିଂ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ମାଥିଲି,୨୧।୨ (ସୁବାସ ଚନ୍ଦ୍ର ଖୁଢୁପିଆ )

ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ କେନ୍ଦୁପତ୍ର ତୋଳିବା ପାଇଁ ବନ ବିଭାଗ ପକ୍ଷରୁ ବୁଶ୍ କଟିଂ କାର୍ଯ୍ୟ ଚାଲିଛି। ମାଥିଲି ବ୍ଲକ୍‌ର ୨୦ଟି ଗ୍ରାମପଞ୍ଚାୟତରେ ବୁଶ୍ କଟିଂ ନାଁରେ ହରିଲୁଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଜୟପୁର କେନ୍ଦୁପତ୍ର ବନଖଣ୍ଡ ଅଧୀନ ମାଥିଲି କେନ୍ଦୁପତ୍ର ବନାଞ୍ଚଳ ରେଞ୍ଜର ଶ୍ରମିକମାନଙ୍କୁ ଗୋଟିଏ ଓଳି କାମ କରାଇ ଗୋଟିଏ ଦିନର ମଜୁରି ମାଷ୍ଟର ରୋଲରେ ପକାଉଥିବା ଓ ୨୦ ଜଣ ଶ୍ରମିକ ଲଗାଇ ୧୦୦ ଜଣଙ୍କ ହାଜିରା ପକାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଉଚିତ କାମ ଓ ପ୍ରାପ୍ୟ ପାଉ ନ ଥିବା ନିରୀହ ଆଦିବାସୀମାନେ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ କାମ ନ ପାଇ ବାହାର ରାଜ୍ୟରେ ଦାଦନ ଖଟିବା ପାଇଁ ବାଧହେଉଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ପ୍ରବଳ ଖରା ଯୋଗୁ ଶ୍ରମିକଙ୍କୁ ଗୋଟିଏ ଓଳିରେ କାମ କରାଯାଉଛି ବୋଲି କହିଥିଲେ। ଅଧିକାରୀମାନେ ଗୋଟିଏ ଓଳି କାମ କରାଇ ଦୁଇ ଓଳିର ଭାଉଚର କରୁଛନ୍ତି। ବଳକା ଟଙ୍କା ଯାଉଛି କୁଆଡେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।


କେନ୍ଦୁପତ୍ର ତୋଳିବା ପାଇଁ ବନ ବିଭାଗ ପକ୍ଷରୁ ବୁଶ୍ କଟିଂ ଚାଲିଛି।

## ବେକରୀରେ ଖାଦ୍ୟ ସୁରକ୍ଷା ନିରୀକ୍ଷକଙ୍କ ଚଢ଼ାଉ

ନବରଙ୍ଗପୁର, ୨୧।୨(ସଦାଶିବ ପ୍ରହରାଜ)

ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନବରଙ୍ଗପୁର ସହରର ବେଙ୍ଗଲୋର ବେକେରୀ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଦୋକାନରେ ଯେଉଁ ଜିନିଷ ତିଆରି ହୋଇଥିଲା ତାହା ହାଇଜିନିକ ନାହିଁ। ଯେଉଁ କର୍ମଚାରୀମାନେ ବେକେରୀ ଓ କେକ୍ ତିଆରି କରୁଛନ୍ତି ସେମାନେ ଖାଦ୍ୟ ସୁରକ୍ଷା ନେଇ କୌଣସି ଜ୍ଞାନ ନାହିଁ। ଆମିଷ ଓ ନିରାମିଷ ନେଇ କେଣସି ଚିହ୍ନଟ ବା ଜାଣିବାର ବ୍ୟବସ୍ଥା ନ ଥିଲା। ଯେ କେଣସି ବେକେରୀ କିମ୍ବା କେକ୍ ଜିନିଷ ଗୁଡିକ ର ଅବଧି ୭ ଦିନ ରହିବା କଥା। କିନ୍ତୁ ଯେଉଁ ଜିନିଷ ଗୁଡିକ ରହିଛି ସେଥିରେ କେଣସି ତିଆରି ତାରିଖ ଉଲ୍ଲେଖ ନଥିଲା ବୋଲି ଖାଦ୍ୟ ସୁରକ୍ଷା ନିରୀକ୍ଷକ ଅରୁଣ କୁମାର ମହାରଣା କହିଛନ୍ତି। ଅବଧିଠାରୁ ଅଧିକ ଥିବା ଜିନିଷଗୁଡିକୁ ନଷ୍ଟ କରଯାଇଛି। ସମସ୍ତ ଜିନିଷରେ ତିଆରି ତାରିଖ ଉଲ୍ଲେଖ କରିବା ପାଇଁ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୋକାନରେ ଜିଏସଟି ବିଲ୍ ନ ଥିଲା। ଜିଏସ୍‌ଟି ଅଧିକାରୀଙ୍କୁ ଏହାର ତଦନ୍ତ କରିବାକୁ କୁହାଯିବା ନେଇ ସୂଚନା ମିଳିଛି। ୭ ଦିନ ମଧ୍ୟରେ ସମସ୍ତ ଜିନିଷରେ ସୁଧାର ଆଣିବାକୁ କୁହାଯାଇଛି। ୭ ଦିନ ମଧ୍ୟରେ ସୁଧାର ନ ଆସିଲେ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବେକେରୀ ଓ କେକ୍ ଆଦି ଜିନିଷର ଅବଧିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସେହି ଜିନିଷଗୁଡିକୁ ଡଷ୍ଟବିନ୍‌ରେ ଫୋପଡ଼ାଯାଇଛି।

## ସିଦ୍ଧାର୍ଥ ରଥ ଖଇରପୁଟ ବ୍ଲକ୍ ଏମ୍‌ପି ପ୍ରତିନିଧି


ବିଡିଓ ଉମାଶଙ୍କର କୋୟାଙ୍କୁ ସିଦ୍ଧାର୍ଥ ସାକ୍ଷାତକରି ଏମ୍‌ପି ପ୍ରତିନିଧିର ଚିଠି ପ୍ରଦାନ କରୁଛନ୍ତି।

ଗୋବିନ୍ଦପାଲି, ୨୧।୨ (କାର୍ତ୍ତିକ ରଥ)

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମାଲକାନଗିରି ଜିଲାର ଖଇରପୁଟ ବ୍ଲକ୍ ନିମନ୍ତେ ତାଙ୍କର ପ୍ରତିନିଧି ରୂପେ ସିଦ୍ଧାର୍ଥ ରଥଙ୍କୁ ଚୟନ କରିଛନ୍ତି। ସିଦ୍ଧାର୍ଥ ଗୋବିନ୍ଦପାଲି ଗ୍ରାମର ଭାଜପା ଯୁବକର୍ମୀ ତଥା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଆଗ ଧାଡ଼ିର ଜଣେ ସକ୍ରିୟ ସଦସ୍ୟ। ତାଙ୍କର ଅନୁପସ୍ଥିତିରେ ବ୍ଲକ୍‌ରେ ହେଉଥିବା ବିଭିନ୍ନ ବୈଠକ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ଏମ୍‌ପିଙ୍କ ବଦଳରେ ପ୍ରତିନିଧିତ୍ୱ କରିବାର ଦାୟିତ୍ୱ ଓ ଅଧିକାର ଦେଇଛନ୍ତି। ତାଙ୍କର ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିବେ ବୋଲି ତାଙ୍କ ପତ୍ର ସଂଖ୍ୟା ୧୧୬୯/୨୫ ରେ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଗୁରୁବାର ପୂର୍ବତନ ବିଧାୟକ ଡମ୍ବୁରୁ ସୀସା, ଭାଜପା କର୍ମୀ ତଥା ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ବେହେରା, ଜିଲା ଏସ୍‌ଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ସହଦେବ ସୀସା, ଖଇରପୁଟ ସରପଞ୍ଚ ଦଇମତି ଗୋଲପେଦା, ବ୍ଲକ୍ ଅଧକ୍ଷ ବିଘ୍ନ କିର୍ସନୀ, ପୂର୍ବତନ ବ୍ଲକ ଅଧକ୍ଷ ବାଲାରାଜୁ କଟରି, ଗୁନାନିଧି ନାୟକ, କର୍ଣ୍ଣ ମହୁଡିଆଙ୍କ ଉପସ୍ଥିତିରେ ରଥ ବିଡିଓଙ୍କୁ ତାଙ୍କ ସରକାରୀ କାର୍ଯ୍ୟାଳୟରେ ଏମ୍‌ପିଙ୍କ ଚିଠି ପ୍ରଦାନ କରିବା ସହ ସାକ୍ଷାତ କରିଥିଲେ।

## ୭୯୪୭ ଛାତ୍ରୀଛାତ୍ର ଦେଲେ ପରୀକ୍ଷା, ୧୭୬ ଅନୁପସ୍ଥିତ

**ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ**

ମାଲକାନଗିରି,୨୧।୨ (ଦୁର୍ଯ୍ୟୋଧନ ପାତ୍ର)

ଶୁକ୍ରବାରଠାରୁ ସାରା ରାଜ୍ୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି। ମାଲକାନଗିରି ଜିଲାରେ ମୋଟ ୮୧୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ଦାଖଲ କରିଥିବାବେଳେ ସେଥିମଧ୍ୟରୁ ୭୯୪୭ ଜଣ ପ୍ରଥମ ଦିନରେ ପରୀକ୍ଷା ଦେଇଛନ୍ତି। ତେବେ ୧୭୬ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ସୂଚନା ମିଳିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରୁଖୁରୁରେ ଏହି ପରୀକ୍ଷା ହୋଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି।

### କୋରୁକୋଣ୍ଡା ବ୍ଲକ୍: ୩୨ ଛାତ୍ରୀଛାତ୍ର ଅନୁପସ୍ଥିତ

କୋରୁକୋଣ୍ଡା ୨୧।୨(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକର ୬ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୦୬୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୩୨ ଜଣ ଅନୁପସ୍ଥିତଥିଲେ। ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୩୩ ମଧ୍ୟରୁ ୨୩୦, ବାଲିମେଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୩ ମଧ୍ୟରୁ ୧୯୪, ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୫୫ ମଧ୍ୟରୁ ୧୪୯, କୋରୁକୋଣ୍ଡା ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୧ ମଧ୍ୟରୁ ୧୫୫, ତାର୍ଲାକୋଟା ହାଇସ୍କୁଲରେ ୨୭୯ ମଧ୍ୟରୁ ୨୭୬ ଏବଂ ପିଟାଗାଟା ନେତାଜୀ ଉଚ୍ଚ ବିଦ୍ୟାଳୟରେ ୧୦୫ ମଧ୍ୟରୁ ୧୦୫ ଜଣ ପରୀକ୍ଷା ଦେଇଛନ୍ତି। ପରୀକ୍ଷାକୁ ସୂଚାରୁ ରୂପେ ପରିଚାଳନା ଏବଂ କପି ରୋକିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠିତ ହୋଇଥିଲା। ପରୀକ୍ଷା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ନୀତିମୂଳକ ଭାବରେ ଅନୁଷ୍ଠିତ ହୋଇଥିଲା ବୋଲି ଜିଲା ବିଜ୍ଞାନ ସୁପରଭାଇଜର ଶରତ କୁମାର ରାଉତ ସୂଚନା ଦେଇଛନ୍ତି।

## ମେକ୍କା ଗ୍ରାମପଞ୍ଚାୟତରେ ଜନସେବା କାର୍ଯ୍ୟକ୍ରମ ଆରମ୍ଭ


ମେକ୍କା ଗ୍ରାମପଞ୍ଚାୟତରେ ସର୍ଭେ କାର୍ଯ୍ୟ ଚାଲିଛି।

ମାଥିଲି,୨୧।୨ (ସୁବାସ ଚନ୍ଦ୍ର ଖୁଢୁପିଆ )

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ମେକ୍କା ଗ୍ରାମପଞ୍ଚାୟତର ବିଭାଗୀୟ କର୍ମଚାରୀ ସମସ୍ତ ୱାର୍ଡ ଏବଂ ଗାଁ ପରିଦର୍ଶନକରି ଜନସାଧାରଣଙ୍କ ସମସ୍ୟା ବୁଝିବା ସହ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ରାଶନ କାର୍ଡ, ସାମାଜିକ ସୁରକ୍ଷା ମଧୁବାବୁ ପେନ୍‌ସନ, ପିଏମ୍ ଆବାସ ଯୋଜନା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ବର୍ଦ୍ଧିତ ଭତ୍ତା ମିଳୁଛି ନା ନାହିଁ ସେ ସମ୍ପର୍କରେ ସର୍ଭେ କରିଥିଲେ। ଉକ୍ତ ସର୍ଭେରେ ଗ୍ରାମପଞ୍ଚାୟତର ବିଭାଗୀୟ କର୍ମଚାରୀଙ୍କ ସହ ସାମାଜିକ କର୍ମୀ ସଦାଶିବ ପୂଜାରୀ, ଗ୍ରାମ ରୋଜଗାର ସେବକ ଧର୍ମେନ୍ଦ୍ର ସାହୁ, ସ୍ଥାନୀୟ ୱାର୍ଡମେମ୍ବର ଡମ୍ବୁ ନାୟକ ଏବଂ ଅନ୍ୟମାନେ ଏହି ପ୍ରୟାସରେ ଅନ୍ତର୍ଭୁକ୍ତ ହୋଇ ଲୋକଙ୍କ ସହ ଆଲୋଚନାକରି ସମସ୍ୟାର ସମାଧାନପାଇଁପ୍ରୟାସ କରୁଛନ୍ତି।

## ଆଜିଠୁ ମନ୍ଦିରରେ ପୂଜା ପାଇବେ ସୋମନାଥେଶ୍ୱର ମହାଦେବ

କୋରୁକୋଣ୍ଡା,୨୧।୨(ଶିବଦତ୍ତ ସାହୁ )

କୋରକୁଣ୍ଡା ବ୍ଲକ୍ ଅନ୍ତର୍ଗତ ସୋମନାଥପୁର ଠାରେ ନୂତନ (ସୋମନାଥେଶ୍ୱର) ଶିବ ମନ୍ଦିରରେ ଶନିବାରଠାରୁ ପୂଜା ପାଇବେ ସୋମନାଥେଶ୍ୱର ମହାଦେବ। ଗତ ୧୭ରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଦୀକ୍ଷା ଗ୍ରହଣ, ଜଳପାତ୍ର, ଅଙ୍କୁରାରୋପଣ, ଦ୍ୱିତୀୟ ଦିନ ବନଯୋଗ, ଇନ୍ଦରାଣୀ ପ୍ରତିଷ୍ଠା, ରତ୍ନମୁଦ୍ରା କରାଯାଇଥିଲା। ତୃତୀୟ ଦିନରେ ବ୍ରାହ୍ମଣବରଣ, ଶାଲାସଂସ୍କାର,ସୂର୍ଯ୍ୟପୂଜା, କରାଯାଇଥିବାବେଳେ ଚତୁର୍ଥ ଦିନରେ ଯଜ୍ଞକର୍ମ ଦେବତାଙ୍କ ପ୍ରାଣପ୍ରତିଷ୍ଠା ଓ ନାମଯଜ୍ଞ କରାଯାଇଥିଲା। ଶେଷ ଦିନରେ ଶୁକ୍ରବାର ଦେବତାଙ୍କ ନଗର ଭ୍ରମଣ, ଅମୃତ କାଳରେ ପାର୍ଶ୍ୱ ଦ୍ୱାର ଓ ମହାଶମ୍ଭୁ ସ୍ଥାପନା ସହ ପୂର୍ଣ୍ଣାହୂତି କରାଯାଇଥିଲା। ପ୍ରତିଷ୍ଠା କାର୍ଯ୍ୟକୁ ଗଞ୍ଜାମ ଜିଲାର ପଣ୍ଡିତ କହ୍ନେଇ ଶତପଥୀ, ଯଜ୍ଞ ନାରାୟଣ ପାତ୍ର, ହୃଷୀକେଶ ପାଢ଼ୀ, ହରେକୃଷ୍ଣ ମିଶ୍ର, ହରିହର ଦାସ, ଉମ୍ୟରୁଧର ପାଢ଼ୀ ଓ ରାମଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଙ୍ଗା ପୂଜନ ଓ କଳସ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଡମ୍ବରୁ ଶିସା, ମନ୍ଦିର କମିଟିର ସଭାପତି ବଳରାମ ସ୍ୱାଇଁ, ମୁଖ୍ୟ ଉଦ୍ୟୋକ୍ତା କିଶୋର ଚନ୍ଦ୍ର ପ୍ରଧାନ, ମନ୍ଦିର ପୂଜାରୀ ଆଦୁ ମାଝୀ, ସିରିପେଟା ଜଗନ୍ନାଥ ମନ୍ଦିର ପୂଜାରୀ ବିଜୟାନନ୍ଦ ପଣ୍ଡା, ଅଜୟ ପଟ୍ଟନାୟକ, ବାସୁଦେବ ଲେଙ୍କା,ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ମନ୍ଦିର ଉପଦେଷ୍ଟା ସଦସ୍ୟ ବଳରାମ ଚାଲାଣ,ମଦନ ସୁଆବି, ରବୀନ୍ଦ୍ର ମାଝୀ, ଭଗବାନ ସ୍ୱାଇଁ, ମଙ୍ଗୁ ମାଝୀ, ଗୁରୁଦେବ ଗୁମୁଡା, ବୁଦ୍ଧଦେବ ଚାଲାଣ, ଡମ୍ବରୁ ଗୁମଡା, ଶ୍ରୀକାନ୍ତ ପାଢ଼ୀ, ମଙ୍ଗଳା ସୁଆବୀ, ଶତ୍ରୁଘ୍ନ ସ୍ୱାଇଁ, କୃଷ୍ଣ ମାଝୀ,ସୋନୁ ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ମହାଦେବଙ୍କ କୃପାରୁ ସୁରୁଖୁରୁରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା ବୋଲି ମନ୍ଦିର କମିଟିର ସମ୍ପାଦକ ବଳରାମ ଚାଲାଣ ମତବ୍ୟକ୍ତ କରିଛନ୍ତି।



## ମହୁମାଛି ଆକ୍ରମଣରେ ଜଣେ ଗୁରୁତର

ପାପଡାହାଣ୍ଡି, ୨୧।୨(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ଭଇରାପୁଜାରିଗୁଡ଼ା ଗ୍ରାମର ପଦ୍ମନ ନାୟକ ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ରାତି ୮ଟାରେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କର ଚିକିତ୍ସା ଜାରି ରହିଛି। ସନ୍ଧ୍ୟାରେ ପଦ୍ମନ ପାଣି ଟାଙ୍କି ନିକଟରେ ବେହୋସ ହୋଇ ପଡ଼ିଥିଲେ। ତାଙ୍କ ମୁହଁ ମହୁମାଛି ଆକ୍ରମଣରେ ଫୁଲି ଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପଦ୍ମନଙ୍କ ପୁଅକୁ ଖବର ଦେଇଥିଲେ। ତାଙ୍କୁ ପ୍ରଥମେ ଘରକୁ ଓ ପରେ ଏକ ଅଟୋରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା।

## ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର

ନବରଙ୍ଗପୁର, ୨୧।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକର ପକ୍ଷରୁ ହିର୍ଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୋଟର ଦୁର୍ଘଟଣା ଟ୍ରିବୁନାଲ ଦାବି, ମୋଟର ଯାନ ଆଇନ, ଜନସାଧାରଣ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟ, ସଡ଼କ ସୁରକ୍ଷା ଉପରେ ରହିଥିବା ବିଭିନ୍ନ ଆଇନ୍‌କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏଲ୍‌ଏସ୍‌ଏ ସଚିବ ସାଇ ଅଭୀପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଭାବେ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ତାଲିକାଭୁକ୍ତ ଆଇନଜୀବୀ କିଶୋରୀ ପଟ୍ଟନାୟକ, ରାଜ କିଶୋର ନାଗ ଉପମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ସମୀର ସ୍ୱାଇଁ ଅଧକ୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ ହିର୍ଲି ପ୍ରମୁଖ ଯୋଗ ଦେଇଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅନ୍ୱେଷୋ ଦେବୀ ପ୍ରଥମ, ନବମ ଶ୍ରେଣୀ ଛାତ୍ରୀ ଅପୂର୍ବା ପ୍ରିୟଦର୍ଶନୀ ସାମଲ ଦ୍ୱିତୀୟ ସ୍ଥାନ ଓ ଷଷ୍ଠ ଶ୍ରେଣୀ ଛାତ୍ରୀ ପୁଣ୍ୟଶା ପ୍ରିୟଦର୍ଶନୀ ମାଝି ତୃତୀୟ ହୋଇଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ଶିକ୍ଷୟିତ୍ରୀ ଅଶାଞ୍ଜଳି ବେହେରା ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ୬ ଗାଡ଼ି ସହ ୧୦୨ ପାଇପ ଜବତ, ୧୦ ଗିରଫ

କୋରୁକୋଣ୍ଡା ୨୧।୨(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ୍ ଟେକଗୁଡ଼ାଠାରେ ଥିବା ମେଗା ଜଳ ଯୋଗାଣ ପ୍ରକଳ୍ପର ପାଇପ ଚୋରି ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରା ପାଇପକୁ ନେବାକୁ ଆସିଥିବା ବିଭିନ୍ନ ରାଜ୍ୟରୁ ୪ଟି ଗାଡ଼ି ସହ ମୋଟ ୬ ଟ୍ରକ୍‌କୁ ଓର୍କେଲ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ମହାରାଷ୍ଟ୍ରର ରମେଶ ଅଶୋକ ଯାଦବ, ବାବାସୋ ସୁରେଶ ମାସ୍କେ, ନୀତିନ ପ୍ରକାଶ ଭୋସଲେ, ମଧ୍ୟପ୍ରଦେଶର ଏମ୍‌ଡି ହାନିଫ ଖାନ, କ୍ରିପାଲ ଠାକୁର, କର୍ଣ୍ଣାଟକର ସୂର୍ଯ୍ୟ କୁମାର, ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରୁ ଇନ୍ଦ୍ରପ୍ରସାଦ ପରିଜା, ଗଞ୍ଜାମର ଅନନ୍ତ ଦାସ, ଖୋର୍ଦ୍ଧାର ହେମନ୍ତ ସୁନ୍ଦର୍ ଏବଂ ମିଥୁନ ବାରିକ ବୋଲି ଜଣାପଡ଼ିଛି। ଏମାନଙ୍କ ନିକଟରୁ ପୋଲିସ ୧୦୨ଟି ପାଇପ ଜବତ କରିଛି। ଜବତ ହୋଇଥିବା ପାଇପର ଆନୁମାନିକ ମୂଲ୍ୟ ୫୬ ଲକ୍ଷ ଟଙ୍କା ହେବ ବୋଲି ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତ।

ପୋଲିସ ସୂଚନା ଅନୁଯାୟୀ, ଗତ ୧୯ ତାରିଖ ରାତିରେ ଓର୍କେଲ ଥାନା ଅଧୀନସ୍ଥ ଏମଭି- ୧୨୦, ତେନ୍ତୁଲିଗୁଡ଼ା ଅଞ୍ଚଳରେ ବିଭାଗ ପକ୍ଷରୁ ରଖାଯାଇଥିବା ପାଇପଗୁଡ଼ିକୁ ଚୋରିକରି ନେବା ନିମନ୍ତେ କେତୋଟି ଗାଡ଼ି ବାହାର ରାଜ୍ୟରୁ ଆସିଥିବା ବିଶେଷ ସୂତ୍ରରୁ ଓର୍କେଲ ପୋଲିସ ସହ ମାଲକାନଗିରି ପୋଲିସ୍‌କୁ ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଭିତ୍ତି କରି ସେହିଦିନ ରାତିରେ ଓର୍କେଲ ଥାନା ଅଧିକାରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ.ଆଇ ମୋନହର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶରୁ ୫ ଟି ଟ୍ରକ ଆସିଥିବା ଜାଣିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଏକ ଟ୍ରକ ଯୋଗେ କିଛି ପାଇପ ଲୋଡ ହୋଇ ମାଲକାନଗିରି ଅଭିମୁଖେ ପଳାଇଯାଇଥିଲେ। ପୋଲିସ ପାଇପ ଲୋଡ ହୋଇଥିବା ଗୋଟିଏ ଟ୍ରକ ଏବଂ କଣ୍ଟ୍ରାକ୍ଟର ଓ ଲେବର୍ ବସିଥିବା ଏକ କାର ଏବଂ ଚୋରା ପାଇପ ନେବାକୁ ଆସିଥିବା ବିଭିନ୍ନ ରାଜ୍ୟରୁ ଆସିଥିବା ୪ ଗାଡ଼ିକୁ ଓର୍କେଲ ପୋଲିସ ଜବତ କରିଥିଲା। ସେଥିମଧ୍ୟରୁ ଗୋଟିଏ ଟ୍ରକ ରେ ପାଇପ ଅଧା ଲୋଡ ହୋଇଥିବା ଗାଡ଼ି ଧରାପଡ଼ିଛି। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡର ସାଇଡ ଇନଚାର୍ଜ ଲିଫୁନ ଦେଉରି ଗତ ୨୦ ତାରିଖରେ ଓର୍କେଲ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲା କୁ ଭିତ୍ତି କରି ଥାନାରେ କେସ ନମ୍ବର୍ ୬୪/୨୫ ରେ ଏକ ମାମଲା ରୁଜୁ ହୋଇଥିଲା।

**ମେଗା ଜଳ ଯୋଗାଣ ପ୍ରକଳ୍ପର ପାଇପ ଚୋରି ଘଟଣା**

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

ବୈପାରୀଗୁଡା,୨।୨
(କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ପୋଲିସ ଏକ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଦଶମନ୍ତପୁରର କୃଷ୍ଣ ନାୟକ(୨୦),ବିକି ବାରିକ(୧୯) ଓ ଜୟପୁର ଢେପଗୁଡା ସାହିର ପ୍ରଥମ ବାଘ(୩୪)। ସେମାନଙ୍କଠାରୁ ଏକ ଛୁରି,ନମ୍ବର ବିହୀନ ବାଇକ୍,ମୋବାଇଲ୍ ଓ ନଗଦ ୫ହଜାର ୬ ଶହ ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଫେବୃଆରୀ ୧୯ରେ ବୈପାରୀଗୁଡା ଥାନା ଅନ୍ତର୍ଗତ ଦଶମନ୍ତପୁର ସାପ୍ତାହିକ ହାଟରେ ମାଲକାନଗିରି ଜିଲାର ଏମ୍‌ଭି-୩୬ ନେହୁରୁପାଲ୍ଲୀ ଗ୍ରାମର ସୁବ୍ରତ ମିସ୍ତ୍ରୀ ମାଛ ବ୍ୟବସାୟ କରିବାକୁ ଆସିଥିଲେ। ସେ ହାଟ ସାରି ସନ୍ଧ୍ୟାରେ ଫେରିବା ବାଟରେ ଦଶମନ୍ତପୁର-ଟାଙ୍ଗିଣିଗୁଡା ରାସ୍ତା ଧାନ ମଣ୍ଡି ନିକଟରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ତାଙ୍କଠାରୁ ୨୦ ହଜାର ଟଙ୍କା ସହ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଏ ନେଇ ସୁବ୍ରତ ବୈପାରୀଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୫/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ସୀମାନ୍ତବାସୀଙ୍କ ସମସ୍ୟାର ଶୀଘ୍ର ସମାଧାନ ପ୍ରତିଶ୍ରୁତି

- ସୀମାନ୍ତ ଗ୍ରାମରେ ସ୍ଥିତି ଅନୁଧ୍ୟାନ କଲା ବ୍ଲକ୍ ପ୍ରଶାସନ
- କୋଟିଆ ପଞ୍ଚାୟତରେ ଆନ୍ଧ୍ର ସିପିଆଇଏମ୍‌ର ଅନୁପ୍ରବେଶ ଘଟଣା

ପଟ୍ଟାଙ୍ଗି,୨।୨(ଶରତ କୁମାର ଧଳ)


ପଟ୍ଟାଙ୍ଗି ବିଡିଓ ସୀମାନ୍ତବାସୀଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧିନ କୋଟିଆ ପଞ୍ଚାୟତକୁ କିଛିଦିନ ହେବ ଆନ୍ଧ୍ରର ସିପିଆଇଏମ୍ ଦଳ ବାରମ୍ବାର ଅନୁପ୍ରବେଶ କରି ସୀମାନ୍ତ ଗ୍ରାମବାସୀଙ୍କୁ ଭ୍ରମିତ କରୁଛି। ଓଡ଼ିଶା ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସୀମାନ୍ତବାସୀଙ୍କୁ ପ୍ରବର୍ତ୍ତାଉ ଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହାପରେ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ତଥା ବିଡିଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ୨ ଟିମ୍ ହୋଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ୧୯ରେ ଆନ୍ଧ୍ରର ସିପିଆଇଏମ୍ ଦଳର ବ୍ଲକ ପଦାଧିକାରୀ ଓ ଦଳୀୟ କର୍ମୀ ଉପରସେମ୍ଭି, ତଳସେମ୍ଭି ଓ ଧୁଳିପଦର ଆଦି ୩ ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ଓଡ଼ିଶା ସରକାରଙ୍କ ବିରୋଧରେ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇ ଥିଲେ। ଏହାକୁ ଦୃଷ୍ଟିରେ ରଖି ବିଡିଓ ନାୟକ କୋଟିଆ ପଞ୍ଚାୟତର ୩ ଗ୍ରାମ ସହ ଖାଙ୍ଗରବାଲସା, ନେରିଡିବାଲସା, ଆରୁଜୁବାଲସା ଓ ତାଡିବାଲସା ଆଦି ଗାଁରେ ପହଞ୍ଚି ସୀମାନ୍ତବାସୀଙ୍କ ସହ ଆଲୋଚନା କରିଥିଲେ। ଆଧାର ସଂଶୋଧନ, ଆବାସ ଓ ପାନୀୟ ଜଳ ସମସ୍ୟାର ଅତିଶୀଘ୍ର ସମାଧାନ କରାଯିବ। ସେଥିପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଖାଙ୍ଗରବାଲସା ଗ୍ରାମରେ ଏକାକୀ ଜୀବନ ବିତାଉଥିବା ଜଣେ ବୃଦ୍ଧାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ୍ କରିବା ସହ ଆବାସ ଯୋଗାଇ ଦିଆଯାଇପାରିବା ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। କୋଟିଆ ପଞ୍ଚାୟତ ଅଧିନରେ ଥିବା ଏଟି ଗାବଡାର ଗ୍ରାମକୁ ନୂତନ ରାସ୍ତା ସହ ପାନୀୟଜଳ ବ୍ୟବସ୍ଥା ପହଞ୍ଚିବା ନେଇ କନିଷ୍ଠ ଯନ୍ତ୍ରୀ ତରୁଣ ନାୟକଙ୍କୁ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ବିଡିଓ ନାୟକ ନିର୍ଦ୍ଦେଶ ଦେଇଥିଲେ। ସୀମାନ୍ତବାସୀଙ୍କ ନିକଟରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଡିଓ ଆଲୋଚନା କରିଥିବାରୁ ସମସ୍ୟା ସମାଧାନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଥିଲେ।

## ଖବରଦାତା ସଂଘର ପ୍ରତିଷ୍ଠା ଦିବସ

କୁନ୍ଦୁରା, ୨।୧(ସନ୍ତୋଷ ପ୍ରହରାଜ)


କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଅତିଥିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଉପକଣ୍ଠସ୍ଥିତ ଶିକ୍ଷକ ଭବନରେ କୁନ୍ଦୁରା ବ୍ଲକ ଖବରଦାତା ସଂଘର ପ୍ରଥମ ପ୍ରତିଷ୍ଠା ଦିବସ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସନ୍ତୋଷ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ, ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ବିଡିଓ କପିଳେଶ୍ୱର ତାଣ୍ଡି ଓ ତହସିଲଦାର ବିନୋଦ କୁମାର ନାୟକ ଉପସ୍ଥିତ ଥିଲେ। ଅତିଥି ଜଗନ୍ନାଥଙ୍କ ଫଟୋରେ ପୁଷ୍ପ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ। ସଂଘ ସମ୍ପାଦକ ହରିଶ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଖବରଦାତାଙ୍କ ଦ୍ୱାରା ବ୍ଲକ୍, ଜିଲା ଓ ରାଜ୍ୟ ସ୍ତରରେ ବିଭିନ୍ନ ସମୟରେ ବାଧା ବିଘ୍ନ ଦେଇ ଗତି କରୁଥିବା ବେଳେ ଏହାର ସୁଧାର ଆଣିବା ସହ ସରକାରଙ୍କ ପକ୍ଷରୁ ଅନୁସାଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସମ୍ପାଦକ ଅତିଥିଙ୍କୁ ଅନୁରୋଧ କରିଥିଲେ। ଖବରଦାତାଙ୍କ ଭୂମିକା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। ସମାଲୋଚନା, ସାହାସିକତା ଏବଂ ନିରପେକ୍ଷତା ଖବରଦାତାଙ୍କୁ ଦିଗଦର୍ଶନ ଦେବା ସହ ଏହା ସେମାନଙ୍କ ମୂଳ ମନ୍ତ୍ର ବୋଲି ଏମ୍‌ପି ମାଝି କହିଥିଲେ। କାର୍ଯ୍ୟକ୍ରମରେ ଆଇନ ପରାମର୍ଶଦାତା ଆଇନଜୀବୀ କାହ୍ନୁଚରଣ ନାୟକ, କିଶୋର ମିଶ୍ର ଓ ଉପଦେଷ୍ଟା ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପଦ ପଦବୀରେ ରହି ସମାଜ ପାଇଁ କାର୍ଯ୍ୟ କରୁଥିବା ବୃନ୍ଦାବନ ଜେନା, ଗଙ୍ଗାଧର ପଟ୍ଟନାୟକ, ସୁନ୍ଦର ଘିଉରିଆ, ସସ୍ମିତା ପାଢ଼ୀ, ପ୍ରଭାତ ପାଣିଗ୍ରାହୀ ଏବଂ ସର୍ବେଶ୍ୱର ବେହେରାଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପସଭାପତି ସୁରେନ୍ଦ୍ର ସଗରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେନ୍ଦ୍ର ପ୍ରହରାଜ, ନିରଞ୍ଜନ ପାଣି,ବାବୁଲା ହରିଜନ, ମହେଶ ମଲ୍ଲିକ, ରାମ ପ୍ରସାଦ ନାୟକ ଓ ଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଅଧିକାର ନେଇ ଜିଲାସ୍ତରୀୟ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ,୨।୨(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଶିଶୁ ଅଧିକାର ନେଇ ଏକତା ଅନୁଷ୍ଠାନ ପକ୍ଷରୁ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳସ୍ତରରୁ ଶିଶୁ ଅଧିକାର ନେଇ ଜିଲା ପ୍ରଶାସନ, ଶିଶୁ ସୁରକ୍ଷା ବିଭାଗ, ସମାଜ ମଙ୍ଗଳ ଅଧିକାରୀ, ଶିଶୁ ମଙ୍ଗଳ କମିଟି, ଶିଶୁ ଶ୍ରମିକ ବିଭାଗ, ଶିକ୍ଷା ବିଭାଗ, ପଞ୍ଚାୟତରାଜ ବିଭାଗ, ନିର୍ବାଚିତ ଲୋକ ପ୍ରତିନିଧିଙ୍କ ମିଳିତ ସମନ୍ୱୟରେ ଚେଷ୍ଟା କରିବା ଦରକାର ବୋଲି କହିଥିଲେ। ଏକତା ଅନୁଷ୍ଠାନର ସଭାପତି ଦୁର୍ଗାଶଙ୍କର ମହାନ୍ତିଙ୍କ ଅଧ୍ୟକ୍ଷତାରେ କୋରାପୁଟ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଗାୟତ୍ରୀ ପାତ୍ର, ଆଇନ ବିଶେଷଜ୍ଞ ରଞ୍ଜିତା ସାହୁ, ଏନ୍‌ଆଇସିର ସ୍ନେହଲତା ପଟ୍ଟନାୟକ, ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝୀ, ଦଶମନ୍ତପୁର ଆଇସିଡିଏସ୍ ସୁପରଭାଇଜର ଜ୍ୟୋତିର୍ମୟୀ ମୂଳାବଣା, ବୋରିଗୁମ୍ମା ସୁପରଭାଇଜର ପ୍ରଭାସିନୀ ଚେଟି, ଶିକ୍ଷା ବିଭାଗର ଚନ୍ଦ୍ର ପରିଡା, ଶିଶୁ ଓ ଷ୍ଟକ ହୋଲଡର ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏକତା ଅନୁଷ୍ଠାନ ଶିଶୁ ବିଭାଗର ପ୍ରକଳ୍ପ ଅଧିକାରୀ ମାମିନା ବେହେରା ପରିଚାଳନା କରିଥିଲେ।

## ୟୁଜର ଆଇଡି,ପାସ୍‌ୱାର୍ଡ ହ୍ୟାକ୍, ଅର୍ଥ ହଡ଼ପ ଘଟଣା:ଜଣେ ଗିରଫ

କୋରାପୁଟ,୨।୨(ଅମିତାଭ ବେହେରା)

**ଲାପ୍‌ଟପ୍, ମନିଟର,ଜାଲ୍ କାଗଜପତ୍ର ଜବତ**

କୋରାପୁଟ ତହସିଲଦାରଙ୍କ ୟୁଜର ଆଇଡି ଓ ପାସ୍‌ୱାର୍ଡକୁ ହ୍ୟାକ୍‌କରି ଜାଲ୍ ପ୍ରମାଣପତ୍ର ଦେଇ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଅର୍ଥ ହଡ଼ପ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ କୋରାପୁଟ ସାଇବର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଗଣେଶ ବେହେରା(୧୯)। ତାଙ୍କଠାରୁ ଲାପ୍‌ଟପ୍, କମ୍ପ୍ୟୁଟର ମନିଟର, ବହୁ ସିମ୍, ଭୋଟର କାର୍ଡ,ଆଧାରକାର୍ଡ ଓ ଜାଲ୍ ପ୍ରମାଣପତ୍ର ଜବତ କରାଯାଇଥିବା ସାଇବର ଥାନା ଅଧିକାରୀ ଭବାନୀ ପ୍ରଧାନ ସୂଚନା ଦେଇଛନ୍ତି। ୨୦୨୪ ଅଗଷ୍ଟ ୨୨ରେ କୋରାପୁଟ ତହସିଲଦାର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ୍ ନଂ. ୧୧/୨୪ରେ ମାମଲା ରୁଜୁକରି ତଦନ୍ତ ଚାଲିଥିଲା। ୩ଟି ମୋବାଇଲ, ଗୋଟିଏ ଲାପ୍‌ଟପ, ଦୁଇଟି କମ୍ପ୍ୟୁଟର ମନିଟର, ଗୋଟିଏ ସିପିୟୁ, ୨ଟି ସିମ୍, ୨ଟି ଏଟିଏମ୍ କାର୍ଡ, ୨୬ ନଂ. ଜାଲ୍ ଆଧାରକାର୍ଡ, ମନୋଜ କୁମାର ବେହେରାଙ୍କ ନାମରେ ୨ଟି ପାନ୍‌କାର୍ଡ, ୩ଟି ଜାଲ୍ ପାନ୍‌କାର୍ଡ କାଗଜ, ୬ଟି ଭୋଟର କାର୍ଡ, ଜାଲ୍ ରାଶନ କାର୍ଡ ଓ ୫ଟି ପାସ୍‌ବୁକ ଆଦି ଜବତ କରାଯାଇଛି । ଗଣେଶ ଜଣେ ବ୍ୟକ୍ତି ତାଙ୍କ ଭାଇ ମନୋଜଙ୍କୁ ନେଇ ସର୍ଭିସ୍ ପ୍ଲସ୍ ପୋର୍ଟାଲ ଖୋଲି ଜାଲ୍ ଜାତିଗତ ପ୍ରମାଣପତ୍ର, ଲିଗାଲ ହେୟାର ପ୍ରମାଣପତ୍ର ଓ ବିଭିନ୍ନ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତକରି ହିତାଧିକାରୀଙ୍କୁ ଦେଇ ଜଣଙ୍କ ଠାରୁ ୧୧୨୫ ଟଙ୍କା ଓ ବ୍ୟାପକ ଟଙ୍କା ଠକେଇ କରୁଥିବା ନେଇ କୋରାପୁଟ ତହସିଲଦାର ଓ ଜିଲାର ବହୁ ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ କରିଥିଲେ।

## ସଡ଼କ ସୁରକ୍ଷା ନେଇ ଆଇନ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଚାନ୍ଦିଲି(କୋଟପାଡ଼),୨।୨(ମୁକ୍ତେଶ୍ୱର ନାୟକ)

କୋରାପୁଟ ଜିଲା କୋଟପାଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇଆଇଟିରେ ସଡ଼କ ସୁରକ୍ଷା ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷ ବିଚାରପତି ତ୍ରିଜୀବ କୁମାର ନନ୍ଦ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ବେପରୁଆ ଗାଡ଼ି ଚାଳନା ଏବଂ ଏହାର ପ୍ରଭାବ ସହ ମୋଟର ଆଇନ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଓକିଲ ସଂଘ ସଭାପତି ପଙ୍କଜ କୁମାର ପାତ୍ର, ପୂର୍ବତନ ସଭାପତି ମଣିପ୍ରସାଦ ପଟ୍ଟନାୟକ, ଉପସଭାପତି ପ୍ରଦୀପ ବକ୍ସି, ସରକାରୀ ଅଧିବକ୍ତା କିଶୋର ମିଶ୍ର ଓ ରିମାଣ୍ଡ ଓକିଲ ବାବୁଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସହ ନିଜର ଓ ଅନ୍ୟ ଜୀବନ ରକ୍ଷା ପାଇଁ ପ୍ରତିବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସୌଦାମିନୀ ସିଂ ଧନ୍ୟବାଦ ଦେଇଥିଲେ। କର୍ମଚାରୀ ପରମବୀର ଘରାଇ,କୋର୍ଟ ଷ୍ଟେନୋ ସରୋଜ ନାୟକ ଓ ପ୍ରଦୀପ ଚେଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଏମ୍‌ସି ଶାଖା ପରିଚାଳକଙ୍କୁ ଦାବିପତ୍ର

ଲକ୍ଷ୍ମୀପୁର,୨।୨(ଅନନ୍ତ ନାୟକ)


ଲକ୍ଷ୍ମୀପୁର ଅଞ୍ଚଳବାସୀ ଓଏମ୍‌ସି ଶାଖା ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍‌ର ଶତାଧିକ ଅଞ୍ଚଳବାସୀ ଏକତ୍ରିତ ହୋଇ ପଦଯାତ୍ରା କରି ୬ ଦଫା ଦାବି ନେଇ ଓଏମ୍‌ସି ଶାଖା ପରିଚାଳକ ହେମନ୍ତ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ସାଉଁନ୍ତା ଓ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସାଗରିଆଙ୍କ ନେତୃତ୍ୱରେ ଲକ୍ଷ୍ମୀପୁରସ୍ଥିତ ମିନି ଷ୍ଟାଡିୟମଠାରୁ ପଦଯାତ୍ରାରେ ବାହାରି ପିଓନିୟର କମ୍ପାନୀ 'ଗୋ ବ୍ୟାକ୍' ନାରା ଦେଇ ଓଏମ୍‌ସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। କାର୍ଯ୍ୟରତ ମୈତ୍ରୀ ଇନ୍‌ଫ୍ରା ଲିମିଟେଡ କମ୍ପାନୀ ଦ୍ୱାରା ପୂର୍ବରୁ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ରୁଜୁ ହୋଇଥିବା କେସ୍ ପ୍ରତ୍ୟାହାର କରିବା, ଖଣି ପରିବହନ ସମୟରେ ଦୁର୍ଘଟଣା ଘଟିଲେ ଗାଡ଼ି ମାଲିକ ଉପରେ ଲଦି ନ ଦେଇ ସିଧାସଳଖ କମ୍ପାନୀ ୨୦ ଲକ୍ଷ ଅନୁକମ୍ପା ରାଶି ଦେବା,ବେଦାନ୍ତ କମ୍ପାନୀର ଏକ କାର୍ଯ୍ୟାଳୟ ପ୍ରଭାବିତ ଅଞ୍ଚଳରେ ଖୋଲିବା, ଖଣି ପ୍ରଭାବିତ ଅଞ୍ଚଳରେ ରହୁଥିବା ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବେଦାନ୍ତ କମ୍ପାନୀ ଆର୍ଥିକ ସହାୟତା, ଓଏମ୍‌ସି ଓ ପିଓନିୟର ମଧ୍ୟରେ ଖଣି ଯୋଗାଣ ପାଇଁ ହୋଇଥିବା ଚୁକ୍ତି ଏବଂ ମୈତ୍ରୀ ଦ୍ୱାରା ଲୁଚାଛପା କାମ ଚାଲିଛି ସେଥିରୁ ଦୂରେଇ ରହିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଲକ୍ଷ୍ମୀପୁରସ୍ଥିତ ଖଣି କାର୍ଯ୍ୟାଳୟ ପରିଚାଳକ ବେହେରାଙ୍କ ସମ୍ମୁଖରେ ପଠନ କରି ଦାବିପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ଦାବି ନାର୍ଯ୍ୟ ଅଟେ, ଦାବିପତ୍ର ପ୍ରଦାନର ୭ ଦିନରେ ପୂରଣ ନ ହେଲେ ଆନ୍ଦୋଳନ ପନ୍ଥା ଆପଣେଇବାକୁ ବାଧ୍ୟ ହେବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ପରିଚାଳକ ବେହେରା ଏହାକୁ ଗ୍ରହଣ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି।

## ପ୍ରଥମ ଦିନରେ ୨୭୫ ମାଟ୍ରିକ୍ ପରୀକ୍ଷାର୍ଥୀ ଅନୁପସ୍ଥିତ


ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯାଉଛନ୍ତି।

କୋରାପୁଟ,୨।୨(ଅମିତାଭ ବେହେରା)

କୋରାପୁଟ ଜିଲାରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ୨୭୫ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। କୌଣସି କେନ୍ଦ୍ରରେ କପି ଧରା ପଡିନଥିବା ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଜିଲାର ୧୦ଟି ନୋଡାଲ ସେଣ୍ଟର ଅଧିନରେ ୭୮ କେନ୍ଦ୍ର ଜରିଆରେ ମୋଟ ୧୬,୪୦୯ ଛାତ୍ରୀଛାତ୍ର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬,୧୩୪ଜଣ ପରୀକ୍ଷା ଦେଇଛନ୍ତି। ଜିଲାର ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୮ଜଣ ପରୀକ୍ଷା ଦେଇ ନ ଥିବା ବେଳେ ଏକ୍ସ ରେଗୁଲାରରେ ୩ ଜଣ, ଏସଓଏସସିରୁ ୩୯ ଜଣ, ମଧ୍ୟମାରୁ ୮ ଜଣ ଓ ପତ୍ର ମାଧ୍ୟମରେ ୭ଜଣ ପରୀକ୍ଷା ଦେଇ ନାହାନ୍ତି। ସମସ୍ତ କେନ୍ଦ୍ରରେ ୩ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାରୁ ପ୍ରଥମ ଦିନ ଓଡ଼ିଆ ପରୀକ୍ଷାରେ କୌଣସି କପି ଧରାପଡି ନ ଥିବା ଶିକ୍ଷାଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। କୋରାପୁଟ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଏବଂ କୋରାପୁଟ,ଜୟପୁର ଉପଜିଲାପାଳ ତତ୍ତ୍ୱାବଧାନରେ ଗୋଟିଏ ସ୍କ୍ୱାର୍ଡ ଓ ବୋର୍ଡର ୨ ସ୍କ୍ୱାର୍ଡ ୧୫ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ବୋର୍ଡର ୨ଟି ସ୍କ୍ୱାର୍ଡ ପକ୍ଷରୁ ୫ଟି ପରୀକ୍ଷା କେନ୍ଦ୍ର ଓ ଗୋଟିଏ ସ୍କ୍ୱାର୍ଡ ପକ୍ଷରୁ ୧୦ଟି କେନ୍ଦ୍ର ପରିଦର୍ଶନ କରାଯାଇଥିଲା।

## ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା

ଉମରକୋଟ, ୨।୨(ସନ୍ତୋଷ ଶତପଥୀ)

**ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ସ୍ୱାମୀଙ୍କ ଅଭିଯୋଗ**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ତେଲ ନଦୀ ପଞ୍ଚାୟତ ନାଗଲଶିଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଟାଙ୍ଗିଆରେ ହାଣି ଜଣେ ମହିଳାଙ୍କ ହତ୍ୟା କରାଯାଇଛି। ମୃତକ ହେଲେ ପଲାଦୁ ସାନ୍ତାଙ୍କ ସ୍ତ୍ରୀ ବାର୍ସ (୩୫)। ଗୁଣି ଗାରେଡ଼ି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୁକ୍ତ ମନ୍ଦ ସାନ୍ତାଙ୍କୁ ଅଟକ ରଖିଛନ୍ତି। ଖବରପାଇ ଉମରକୋଟ ଥାନା ସବଇନ୍ସପେକ୍ଟର ଶିବଜୀ ପଣ୍ଡା, ଅକ୍ଷୟ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

ପଲାଦୁଙ୍କ ଏତଲା ଅନୁଯାୟୀ, ନାଗଲସିଲ ଗ୍ରାମରେ ଶୁକ୍ରବାର ଜଣେ ୧୨ ବର୍ଷର ନାବାଳକଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଶୁଣି ବାର୍ସ ଘଟଣାସ୍ଥଳରେ ପହଞ୍ଚି କନ୍ଦାକଟା କରୁଥିଲେ। ମୃତକଙ୍କ ବାପା ମନ୍ଦ ସାନ୍ତା ବାର୍ସାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବା କହି ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁଣିଗାରେଡ଼ି ସନ୍ଦେହରେ ମନ୍ଦ ବାର୍ସାଙ୍କୁ ହତ୍ୟା କରିଥିବା ତାଙ୍କ ସ୍ୱାମୀ ପଲାଦୁ ଅଭିଯୋଗ କରିଛନ୍ତି।

## ବୋରିଗୁମ୍ମାରେ ସିରିଜ ଚୋରି

ବୋରିଗୁମ୍ମା,୨।୨(ବିଜୟ ସାହୁ)

ବୋରିଗୁମ୍ମା ପର୍ଲି ଅଞ୍ଚଳ ଓ କୁନ୍ଦ୍ରାଗୁଡାରେ ସିରିଜ ଚୋରି ହୋଇଛି। ପର୍ଲି ଅଞ୍ଚଳର ସୁନୀଲ କୁମାର ରଥ ଓ ପଡୋଶୀ ଘର ଭାସ୍କର ରାଓ ଘରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଏବଂ ସୁନାଗହଣା ଚୋରି କରି ନେଇଛନ୍ତି। କୁନ୍ଦ୍ରାଗୁଡାର ସନ୍ତୋଷ କୁମାର ତ୍ରିପାଠୀଙ୍କ ଘରେ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏ ନେଇ ସୁନିଲ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି। ଶନିବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବେ ବୋଲି ସୂଚନା ମିଳିଛି।

## ୯ ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

ଜୟପୁର,୨।୨(ପବନ ପାଣିଗ୍ରାହୀ)



ଜୟପୁର ଏୟାରପୋର୍ଟ ନିକଟ ବାଙ୍କବିଜାରେ ୩ଟି ମିଳିତ ବିଭାଗ ପକ୍ଷରୁ ୯ ବେଆଇନ ଇଟାଭାଟି ଭଙ୍ଗାଯାଇଛି। ଇଟାଭାଟି ଯୋଗୁ ବିମାନ ଉଡ଼ାଣ ଓ ଅବତରଣରେ ବାଧା ସୃଷ୍ଟି ହେଉଥିବାରୁ ବିଭାଗ ପକ୍ଷରୁ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ବାରମ୍ବାର ନୋଟିସ ଓ ତାଗିଦ ପରେ ମଧ ମାଟି ଇଟା ନିର୍ମାଣ ଜାରି ରହିଥିଲା। ଏହାକୁ ଗୁରୁତର ସହ ନେଇ ଜୟପୁର ଉପଜିଲାପାଳ ଆକାବରମ ଶଯ୍ୟା ରେଙ୍ଗୀଙ୍କ ନିର୍ଦ୍ଦେଶରେ ଭଙ୍ଗାଯାଇଛି। ଏହି ସମୟରେ ଜିଲା ମାଇନିଂ ଅଫିସର କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ପ୍ରଦୂଷଣ ବିଭାଗର ଏଇଏସ୍ ବି.କେ. ଖାଡଙ୍ଗା ଓ ଜୟପୁର ଦମକଳ ବାହିନୀ ଉପସ୍ଥିତ ଥିଲେ। ପ୍ରଶାସନ ନୋଟିସ ଦେଇ ନ ଥିବା ବେଳେ ହଠାତ୍ ଭାଟି ଭଙ୍ଗାଯାଇଥିବା ଇଟାଭାଟି ମାଲିକମାନେ ଅଭିଯୋଗ କରିଥିଲେ।

## କୋରାପୁଟରେ ପୋଲିସ ଅଧିକାରୀଙ୍କ ଅଦଳବଦଳ

ଜୟପୁର,୨।୨(ପବନ ପାଣିଗ୍ରାହୀ)

କୋରାପୁଟ ଏସ୍‌ପି ପୋଲିସ ଅଧିକାରୀଙ୍କ ବଦଳି କରିଥିବା ବେଳେ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଜୟପୁର ଟାଉନ ଥାନା ଅଧିକାରୀ ହେବେ। ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇଙ୍କୁ ଅନୁଗୋଳ ଜିଲାକୁ ବଦଳି କରାଯାଇଛି। ସେମିଳିଗୁଡ଼ା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କୁ ଜୟପୁର ସଦର ଥାନା ଅଧିକାରୀ ଭାବେ ବଦଳିକରାଯାଇଛି। କୋରାପୁଟ ମୁଖ୍ୟାଳୟର ଆଶ୍ରିତା ଖାଲସୋଙ୍କୁ ଜୟପୁର ମହିଳା ଥାନା ଅଧିକାରୀ କରାଯାଇଥିବା ବେଳେ ପୂର୍ବରୁ ଥିବା ଅନିତା କୁଜୁରଙ୍କୁ ସେମିଳିଗୁଡ଼ା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି।

## ଜଙ୍ଗଲ ନିଆଁ ନିବାରଣ ନେଇ ଶପଥ

**ଜିଲାସ୍ତରୀୟ ସଚେତନତା ବୈଠକ**

କୋରାପୁଟ,୨।୨(ଅମିତାଭ ବେହେରା)

କୋରାପୁଟ କେନ୍ଦ୍ରୀୟ ନର୍ସରୀରେ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ନେଇ ଜିଲାସ୍ତରୀୟ ସଚେତନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ସହ ପରିବେଶ ସନ୍ତୁଳନ ବିଗିଡ଼ିଯିବ ବୋଲି ସେ କହିଥିଲେ। ଅସମୟରେ ବର୍ଷା,ଗରମର ପ୍ରଭାବରେ ଫସଲ ହାନି ଏବଂ ପ୍ରଦୂଷଣ ବୃଦ୍ଧି ଯୋଗୁ ମଣିଷ ସମାଜ କୁପ୍ରଭାବ ପଡିଥାଏ ବୋଲି କହିଥିଲେ। ଜଙ୍ଗଲରେ ନିଆଁ ନ ଲଗାଇବା ଓ ଲାଗିଥିବା ନିଆଁକୁ ଆୟତ କରିବା ନେଇ ତୁରନ୍ତ ଜଙ୍ଗଲ ବିଭାଗକୁ ଜଣାଇବା ପାଇଁ ଗ୍ରାମବାସୀଙ୍କୁ ଶପଥ ପାଠ କରାଯାଇଥିଲା। କୋରାପୁଟ ବନଖଣ୍ଡ ଅଧିକାରୀ ଭି. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ବିଡିଓ ଡ଼ଃ ଦେବାଶିଷ ଗୌଡ଼, ସଦର ଥାନା ଅଧିକାରୀ ରୁନୁ ବାଲା ମାଝୀ,ଅଗ୍ନିଶମ ଅଧିକାରୀ ରବି କିସାନ, ଜିଲା ପରିଷଦ ସଭ୍ୟ ରଘୁଜାନି, ବନ ସୁରକ୍ଷା ସମିତି କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କୋରାପୁଟ ରେଞ୍ଜ ଅଧିକାରୀ ଏସ. କେ. ପାହାଡ଼ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡେପୁଟି ରେଞ୍ଜର ବିକାଶ କୁମାର ପାତ୍ର ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀମାନେ।


यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବଡହାଟ କେନ୍ଦ୍ରାପଡା ଶାଖା/** ଋଣଗ୍ରହୀତାମାନେ: **୧) ଶ୍ରୀମତୀ ରୁକ୍ମଣୀ ବଳ,** ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, **୨) ଶ୍ରୀ ରାଜ କିଶୋର ବଳ,** ସା.: ବଡପାଲ୍ଲି, ଭାୟା: ଆଭକେଇଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / ଜାମିନଦାର: **ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଚେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

